




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୫ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 05 APRIL 2025
Vol.No. 36 ■ No.89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଆମେରିକା-ଚୀନ ଟାରିଫ ଯୁଦ୍ଧ: ଟ୍ରମ୍ପ ପ୍ରଶାସନକୁ ମିଳିଲା ପାଲଟା ଜବାବ



ନୂଆଦିଲ୍ଲୀ, ୦୪/୪ : ୨୪ଘଣ୍ଟା ଭିତରେ ଆମେରିକାକୁ ଚୀନର ଜବାବ । ୩୪% ଟାରିଫ୍ ଲଗାଇ ଚୀନ ଆପଣାଇଛି ଯେସାକୁ ତେଶା ନୀତି । ଗତକାଲି ବେଜିଂ ଉପରେ ୩୪ ପ୍ରତିଶତ ଟାରିଫ୍ ଲଗାଇବା ପରେ ଏବେ ଟ୍ରମ୍ପ ପ୍ରଶାସନକୁ ପାଲଟା ଜବାବ ମିଳିଛି । ଆମେରିକାର ଯେସାକୁ ତେସା ନିତୀର ଜବାବ ଦେଇଛି ଚୀନ । ଡୋନାଲ୍ଡ ଟ୍ରମ୍ପ ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଘୋଷଣା କରିବାର କିଛି ଦିନ ପରେ ଚୀନ୍ ଘୋଷଣା କରିଛି ଏପ୍ରିଲ ୧୦ ତାରିଖରୁ ସମସ୍ତ ଆମେରିକୀୟ ସାମଗ୍ରୀ ଉପରେ ୩୪% ଅତିରିକ୍ତ ଶୁଳ୍କ ଲଗାଇବ । ଚୀନ୍ ଏପ୍ରିଲ ୪ ତାରିଖରୁ କମ୍ପ୍ୟୁଟର ଚିପ୍ସ ଏବଂ ବୈଦ୍ୟୁତିକ ଯାନ ବ୍ୟାଟେରୀ ଭଳି ଉଚ୍ଚ-ପ୍ରଯୁକ୍ତି ଉତ୍ପାଦର ରପ୍ତାନି ଉପରେ ନିୟନ୍ତ୍ରଣ ଘୋଷଣା କରିଛି । ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଆଇନ ଅନୁଯାୟୀ ପ୍ରାସଙ୍ଗିକ ସାମଗ୍ରୀ ଉପରେ ଚୀନ୍ ସରକାରଙ୍କ ରପ୍ତାନି ନିୟନ୍ତ୍ରଣ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ହେଉଛି ଜାତୀୟ ସୁରକ୍ଷା ଏବଂ ସ୍ୱାର୍ଥକୁ ଭଲ ଭାବରେ ସୁରକ୍ଷା ଦେବା । ଚୀନ୍ ସରକାର ଏହା ମଧ୍ୟ କହିଛନ୍ତି, ଏହା ବାଣିଜ୍ୟ ପ୍ରତିବନ୍ଧକ କିମ୍ବା ରପ୍ତାନି ନିୟନ୍ତ୍ରଣ ଅଧୀନରେ ଥିବା କମ୍ପାନୀ ତାଲିକାରେ ୨୭ ଟି ଆମେରିକୀୟ କମ୍ପାନୀ ଉପରେ ନିୟମ ଲାଗୁ ହେବ ।

# ଓଡ଼ିଶାରେ ଶୁଭାରମ୍ଭ ହେବ ଆୟୁଷ୍ମାନ ଭାରତ ଯୋଜନା




ଭୁବନେଶ୍ୱର, ୩/୪ (ନି.ପ୍ର): ରାଜ୍ୟରେ ଆସନ୍ତା ଏପ୍ରିଲ ୧୧ ତାରିଖରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏହାକୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା । ଜେ.ପି ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚି ୧୨ ତାରିଖ ସଂଧ୍ୟା ଯାଏଁ ଓଡ଼ିଶାରେ ରହିବେ । ପୂର୍ବରୁ ସତ୍ୟଭାମାପୁର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ସପ୍ତାହ ଭିତରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେବା ନେଇ ଘୋଷଣା କରିଥିଲେ । ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମାର ସୁଫଳ ପାଇବେ । ଏହି ଯୋଜନାରେ ରାଜ୍ୟ ଭିତରେ ଓ ବାହାର ମେଡିକାଲରେ ଚିକିତ୍ସା ସୁବିଧା ମିଳିବ । ଏହା ମାଧ୍ୟମରେ ୨୯ ହଜାର ମେଡିକାଲ୍‌ରେ ଚିକିତ୍ସା ସୁବିଧା ମିଳିବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ ।

▶▶ପୃଷ୍ଠା ୭

# ନେପାଳରେ ୫.୦ ତୀବ୍ରତାର ଭୂମିକମ୍ପ

କାଠମାଣ୍ଡୁ, ୪/୪ : ନେପାଳରେ ସନ୍ଧ୍ୟା ୭:୫୨ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୦ ଥିଲା। ବର୍ତ୍ତମାନ ଏହି ଭୂମିକମ୍ପ ଯୋଗୁଁ କୌଣସି ମୃତାହତର ଖବର ନାହିଁ। ରିପୋର୍ଟ ଅନୁଯାୟୀ, ଉତ୍ତର ଭାରତରେ ମଧ୍ୟ ଭୂମିକମ୍ପର ମୃଦୁ ଝଟକା ଅନୁଭୂତ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଭୂମିକମ୍ପଟି ୨୦ କିଲୋମିଟର ଗଭୀରତାରେ ଆସିଥିଲା। ଉତ୍ତରାଖଣ୍ଡର ପିଥୋରାଗଡ଼ ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା। ନେପାଳ ବିଶ୍ୱର ସବୁଠାରୁ ସକ୍ରିୟ ଭୂକମ୍ପୀୟ କ୍ଷେତ୍ର ମଧ୍ୟରୁ ଗୋଟିଏ, ଯେଉଁଠାରେ ଭୂମିକମ୍ପର ବିପଦ ନିରନ୍ତର ରହିଥାଏ। ଗତ ମାସ ୨୮ ତାରିଖରେ ଏକ ଶକ୍ତିଶାଳୀ ଭୂମିକମ୍ପ ମିଆଁମାର ଏବଂ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସେହି ଦିନ, ନେପାଳ ମଧ୍ୟ ସକାଳେ ୬.୧ ତୀବ୍ରତାର ଏକ ଭୂମିକମ୍ପର ସମ୍ମୁଖୀନ ହୋଇଥିଲା, ଯାହାର ଝଟକା ବିହାର, ସିଲିଗୁଡି ଏବଂ ଭାରତର ଅନ୍ୟାନ୍ୟ ପଡ଼ୋଶୀ ଅଞ୍ଚଳରେ ଅନୁଭୂତ ହୋଇଥିଲା।

# ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପକୁ ମଞ୍ଜୁର କଲା କେନ୍ଦ୍ର କ୍ୟାବିନେଟ୍: ବିନିଯୋଗ ହେବ ୫ ହଜାର ୧୦୪ କୋଟି ଟଙ୍କା



ଭୁବନେଶ୍ୱର, ୪/୪ (ନି.ପ୍ର): କେନ୍ଦ୍ର କ୍ୟାବିନେଟରେ ଓଡ଼ିଶା ପାଇଁ ବଡ଼ ନିଷ୍ପତ୍ତି । ୨ଟି ରେଳ ପ୍ରକଳ୍ପକୁ ମିଳିଲା କ୍ୟାବିନେଟ ମଞ୍ଜୁରି । ଏଥିରେ ବିନିଯୋଗ ହେବ ୫ ହଜାର ୧୦୪ କୋଟି ଟଙ୍କା । କେନ୍ଦ୍ର କ୍ୟାବିନେଟରେ ଆଜି ମୋଟ ୪ଟି ରେଳ ପ୍ରକଳ୍ପକୁ ମଞ୍ଜୁରି ମିଳିଥିବା ବେଳେ ସେଥିରୁ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ । ସମ୍ବଲପୁର-ଜରପଡ଼ା ପ୍ରକଳ୍ପ ପାଇଁ ୩ ହଜାର ୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡା-ଶାସନ ପ୍ରକଳ୍ପ ପାଇଁ ୧ ହଜାର ୧୮୭ କୋଟି ଟଙ୍କା ବିନିଯୋଗ ହେବ । ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପ ଦ୍ୱାରା ସମ୍ବଲପୁର, ଅନୁଗୁଳ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ । ଏହି ପ୍ରକଳ୍ପ ଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହିତ ଭିଡ଼ ହ୍ରାସ କରିବ । ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ମଲ୍ଟି ମୋଡାଲ୍ ସଂଯୋଗ ପାଇଁ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯିବ । ତେବେ ଏହି ଦୁଇଟି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ୱାକ୍‌ଫ ବିଲକୁ ନେଇ ବିଜେଡି ଦି’ ଫାଳ: ସପକ୍ଷରେ ଭୋଟ୍ ଦେଲେ ସସ୍ମିତ




ଭୁବନେଶ୍ୱର, ୪/୪ (ନି.ପ୍ର): ରାଜ୍ୟସଭାରେ ୱକଫ୍ ବିଲ୍ ଭୋଟିଂ ବେଳେ ଫାଳ ଫାଳ ହୋଇଗଲା କି ବିଜେଡି ? ଆଗରୁ ବିଲ୍‌କୁ ଦଳ ଜୋରଦାର ବିରୋଧ କରୁଥିବାବେଳେ କାଲି ଭୋଟିଂ ବେଳେ ବିବେକ ଅନୁସାରେ ବିଲ୍ ସପକ୍ଷରେ ମତ ରଖିବାକୁ ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ହଳଚଳ ପରେ, ଆଜି ଅନ୍ୟଜଣେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଭୋଟ୍ ଦାନରୁ ବିରତ ରହିଥିବା ସୂଚନା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଏମିତିକି ଯା ପଛରେ କିଛି ଖେଳ ହୋଇଥିବା ନେଇ ଦଳର ବରିଷ୍ଠ ନେତା ବଦ୍ରି ପାତ୍ରଙ୍କ ଶଙ୍କା ବି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି । ଏ ସମ୍ପର୍କରେ ଦଳ ସଭାପତିଙ୍କୁ ପଚାରିବେ ବୋଲି ପ୍ରସନ୍ନ ଅଚାର୍ଯ୍ୟ କହିଥିବାବେଳେ, ପୁରା ପ୍ରସଙ୍ଗରେ ତେରଛା ବାଣ ଛାଡ଼ି ବିଜେପି କହିଛି- ବିଜେଡି ସାଂସଦଙ୍କ

▶▶ପୃଷ୍ଠା ୭

# ପୁନର୍ବାସ ଥଇଥାନ ନୀତିରେ ନୂଆ ନିୟମ

ଭୁବନେଶ୍ୱର, ୪/୪ (ନି.ପ୍ର): ପୁନର୍ବାସ ଥଇଥାନ ନୀତିରେ ନୂଆ ନିୟମ ଆଣିଛନ୍ତି ରାଜ୍ୟ ସରକାର। ରାଜ୍ୟପାଳଙ୍କ ଅନୁମୋଦନ ପରେ ଅନୁକମ୍ପାମୂଳକ ସହାୟତା ନିୟମ ଆସିଛି। ଜିଲ୍ଲାପାଳ ଦେବେ ସମ୍ପର୍କୀୟଙ୍କ ଆର୍ଥିକ ଦୁର୍ଦ୍ଦଶା ସମ୍ପର୍କିତ ପ୍ରମାଣପତ୍ର। ସେହିପରି ଆବେଦନ ତାରିଖ ପରିବର୍ତ୍ତେ, ମୃତ୍ୟୁ ତାରିଖକୁ ଗ୍ରହଣ କରିବାକୁ ନିଷ୍ପତି ହୋଇଛି। ଏହାଦ୍ୱାରା ସୁପ୍ରିମ କୋର୍ଟ ଓ ହାଇକୋର୍ଟରେ ପଡ଼ି ରହିଥିବା ମାମଲାର ଅନ୍ତ ଘଟିବ ବୋଲି ଏଜି କହିଛନ୍ତି।

# ବଢ଼ିଲା ଯାତ୍ରା କଳି: ମୁହାଁମୁହିଁ ହେଲେ ମାଲିକ ଏବଂ ଅଭିନେତା

ଭୁବନେଶ୍ୱର, ୪/୪ (ନି.ପ୍ର): ପୁଣି ବଢ଼ିଲା ଯାତ୍ରା ମାଲିକ-ଅଭିନେତା ବିବାଦ । ପୀୟୁଷ ତ୍ରିପାଠୀ ବନାମ ଯାତ୍ରା ସିଂହବାହିନୀ ବିବାଦ ପରେ ଘନେଇଛି ହାସ୍ୟ ଅଭିନେତା ନରି ପଣ୍ଡା ବନାମ୍ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ଧଳଙ୍କ ମଧ୍ୟରେ ବିବାଦ । ଆକ୍ରମଣର ଅଭିଯୋଗ ଆଣି ପୋଲିସ ଦ୍ୱାରସ୍ଥ ହୋଇଥିବା ନରିଙ୍କୁ ଆଜି ସିଧାସଳଖ ବୟକଟ୍ କରିଛି ଯାତ୍ରା ମାଲିକ ସଂଘ । ବର୍ଷକ ପାଇଁ କୌଣସି ମଞ୍ଚରେ ନରି ପଣ୍ଡାଙ୍କୁ ଅଭିନୟର ସୁଯୋଗ ଦିଆଯିବ ନାହିଁ ବୋଲି ଆଜି ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏକ ହୋଟେଲରେ ୧୩ଟି ଯାତ୍ରା ମାଲିକଙ୍କୁ ନେଇ ଅନୁଷ୍ଠିତ ରୁଦ୍ଧଦ୍ୱାର

▶▶ପୃଷ୍ଠା ୭

## ଭାରତ ଯୋଜନାରେ ଲୁଟର ଖୋଲିବ ରାଜ୍

ରାଂଚି, ୪/୪ (ନି.ପ୍ର): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ସକାଳେ ଝାଡଖଣ୍ଡର ରାଜଧାନୀ ରାଂଚି ସମେତ ସାରା ଦେଶରେ ଏକ ସଙ୍ଗରେ ୨୧ଟି ସ୍ଥାନରେ ରେଡ୍ କରିଛି । ଆୟୁଷ୍ମାନ ଭାରତ ଯୋଜନାରେ କରାଯାଇଥିବା ବଡଧରଣର ଗହବଡିର ଖୁଲାସା ହେବାର ସନ୍ଦେହ କରାଯାଉଛି । ରାଂଚିର ଅଶୋକ ନଗର, ପିପି କଂପାଉଣ୍ଡ, ଏଦଲହାତୁ, ବରିୟାତୁ,

▶▶ପୃଷ୍ଠା ୭

# ୱାକଫ୍ ବିଲ୍‌କୁ ସମର୍ଥନ ପରେ ଜେଡିୟୁରେ ହଳଚଳ, ୪ ମୁସଲିମ ନେତାଙ୍କ ଇସ୍ତଫା




ନୂଆଦିଲ୍ଲୀ, ୦୪/୪ : ୱାକଫ୍ ବିଲ୍‌କୁ ସମର୍ଥନ ନେଇ ବିହାର ରାଜନୀତିରେ ବଡ ହଳଚଳ ଦେଖାଦେଇଛି । ବିଲ୍‌କୁ ଦଳର ସମର୍ଥନ ପ୍ରତିବାଦରେ ଜେଡିୟୁ ୪ଜଣ ମୁସଲିମ ଚେହେରାଙ୍କ ଇସ୍ତଫା ଦେଇଛନ୍ତି । ସେହିଭଳି ମୁସଲମାନଙ୍କ ସହ ବିଶ୍ୱାସଘାତକତା ହୋଇଥିବା ଅଭିଯୋଗ କରି ବିହାର ମୁଖ୍ୟମନ୍ତ୍ରୀ ଆରଜେଡି ଚିଟିଙ୍ଗ କୁମାର ବୋଲି କହିଛି । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆରଏସ୍‌ଏସ୍ ବେଶ । ଆରଏସ୍‌ଏସ୍‌ର ଖାକି ହାଫ୍ ପ୍ୟାଣ୍ଟ, ଧଳା ସାର୍ଟ ଓ କଳା ଟୋପିରେ ଦେଖିବାକୁ ମିଳିଥିଲା । ଏଭଳି ଏକ ଚିତ୍ରକୁ ବିହାରର ମୁଖ୍ୟ ବିରୋଧୀ ଦଳ ଆରଜେଡି ଆଜି ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ କରିଛି । ଫଟୋସପ୍ ଦ୍ୱାରା ଏଡିଟ୍ କରି ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ବର୍ଣ୍ଣନା କରୁଛି ବୋଲି ଆରଜେଡି ମତ ଦେଇଛି । ମୁସଲମାନ ଭୋଟ୍ ବ୍ୟାଙ୍କ ଉପରେ ନିଜର ବିରୋଧୀ ଦଳ ଜେଡିୟୁକୁ ସମାଲୋଚନା

▶▶ପୃଷ୍ଠା ୭

# ପଦରୁ ଓହରିଲେ: ଅଲୋଡ଼ା ହେଲେ କି ଆନ୍ନାମଲାଇ ?



ନୂଆଦିଲ୍ଲୀ, ୦୪/୪ : ତାମିଲନାଡୁରେ ଦେଖାଦେଇଛି ବଡ଼ ହଳଚଳ । ଇସ୍ତଫା ଦେଲେ ବିଜେପି ପ୍ରଦେଶ ସଭାପତି ଆନ୍ନାମଲାଇ । ଚର୍ଚ୍ଚା ହେଉଛି ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିର ଜାତିଗତ ସମୀକରଣ ପାଇଁ ଆନ୍ନା ପଦ ଛାଡିଛନ୍ତି । ତେବେ ଇସ୍ତଫା ଦେବା ପରେ ଆନ୍ନା କହିଛନ୍ତି ଆଗକୁ ଏକାଠି ମିଶି ସଭାପତି ଚୟନ କରାଯିବ । ଦଳର କ୍ୟାଡର ଭାବରେ କାମ କରିବାକୁ ପ୍ରସ୍ତୁତ ବୋଲି ଆନ୍ନାମଲାଇ ଇସ୍ତଫା ଦେବା ପରେ କହିଛନ୍ତି । କୁହାଯାଉଛି ତିରୁନେଲଭେଲି ବିଜେପି ବିଧାୟକ ନୈନାର ନାଗେନ୍ଥ୍ରନ ପରବର୍ତ୍ତୀ ରାଜ୍ୟ ସଭାପତି ହୋଇପାରନ୍ତି । ସେପଟେ ଏଆଇଏଡିଏମକେ ମୁଖ୍ୟ ପଲାନୀସ୍ୱାମୀଙ୍କ ପାଖରେ ଏକ ବଡ ସର୍ତ୍ତ ରଖିଛି । ତାହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ପନିରସେଲଭନ ଓ ଜୟଲଳିତାଙ୍କ ବାନ୍ଧବୀ ଶଶିକଳାଙ୍କ ସହ ତାଙ୍କ ଭଣଜା ଦିନାକରଣଙ୍କୁ ଏଆଇଏଡିଏମକେକୁ ଫେରାଇ ଅଣାଯିବ । ଯାହାଫଳରେ ଡିଏମକେ ବିରୋଧୀ ଭୋଟ ଭାଗ ହେବ ନାହିଁ । କୁହାଯାଏ ଏଆଇଏଡିଏମକେ ସହ ୨୦୨୩ରେ ବିଜେପି ମେଣ୍ଟ ଭାଙ୍ଗିବା ପଛରେ ଆନ୍ନାମଲାଇଙ୍କୁ ଦାୟୀ କରାଯାଇଥିଲା । ୨୦୨୪ ଲୋକସଭା ନିର୍ବାଚନରେ ଉଭୟ ଏଆଇଏଡିଏମକେ ଓ ବିଜେପି କୌଣସି ଆସନ ଜିତିପାରିନଥିଲେ । ଡିଏମକେ ଓ କଂଗ୍ରେସ ମେଣ୍ଟ ତାମିଲନାଡୁର ସମସ୍ତ ଲୋକସଭା ଆସନ ଅକ୍ତିଆର କରିଥିଲେ । ଏହି ଭୁଲରୁ ଶିକ୍ଷା ପାଇ ଦୁଇ ଦଳ ବିଧାନସଭା ନିର୍ବାଚନ ପାଇଁ ମେଣ୍ଟ ଆଲୋଚନା ଆରମ୍ଭ କରିଛନ୍ତି । ଯାହାର ପ୍ରଭାବ ଆନ୍ନାମଲାଇଙ୍କ ଉପରେ ପଡିଛି । ଉଭୟ ଆନ୍ନାମଲାଇ ଓ ଏଆଇଏଡିଏମ୍‌କେ ମୁଖ୍ୟ ପଲାନୀସ୍ୱାମୀ ପଛୁଆବର୍ଗର ଓ ଅଞ୍ଚଳକୁ ପ୍ରତିନିଧିତ୍ୱ କରନ୍ତି । ମେଣ୍ଟର ଦୁଇ ବଡ଼ ଦଳର ମୁଖ୍ୟ ଗୋଟିଏ ଜାତି ଓ

▶▶ପୃଷ୍ଠା ୭

# ସୁପ୍ରିମକୋର୍ଟରେ ପହଞ୍ଚିଲା ୱାକଫ(ସଂଶୋଧନ) ବିଲ୍

ନୂଆଦିଲ୍ଲୀ, ୦୪/୪ : ୱାକଫ ସଂଶୋଧନ ଆଇନକୁ ନେଇ ସାରା ଦେଶରେ ରାଜନୈତିକ ଉଷ୍ମତା ରହିଛି। କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳ ଏବଂ ଅନେକ ମୁସଲିମ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି। ଏବେ ୱାକଫ ସଂଶୋଧନ ବିଲ୍ ମାମଲା ମଧ୍ୟ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏଆଇଏମଆଇଏମ ସାଂସଦ ଅସଦୁଦ୍ଦିନ ଓୱେସି ଏବଂ କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ ୱାକଫ ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ୱାକଫ୍ ସଂଶୋଧନ ବିଲ୍ ଉପରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି – ‘ଏହି ବିଲ୍ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ ହୋଇଛି। ଏଥିରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ହେବା ବାକି ଅଛି ଏବଂ ତା’ପରେ ଏହାକୁ ଆଇନଗତ ଲଢ଼େଇ ଦେଇ ଯିବାକୁ ପଡିବ। ଆମେ ଯାହା ସାମ୍ବିଧାନିକ ତାହା କରିବୁ। ସଂସଦରେ ଗୃହୀତ ସଂଶୋଧନ ବିଲ୍ ଅସାମ୍ବିଧାନିକ।’ ଏହା ପୂର୍ବରୁ କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଏହି ବିଲ ଅସମ୍ବିଧାନିକ ଓ ଏହାକୁ ବଳପୂର୍ବକ ସଂସଦରେ ଗୃହୀତ କରାଯାଇଛି ବୋଲି କହିଥିଲେ । ତେବେ ତାଙ୍କର ଏହି ବୟାନକୁ ନେଇ ବିବାଦ ଦେଖାଦେଇଛି ।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର,୦୪/୪ (ନି.ପ୍ର): ଜୟପୁର ଜିଲ୍ଲା ଦୌରାଜଜ କୋର୍ଟରେ ଜୟପୁର ସଦରଥାନା ଅନ୍ତର୍ଗତ ଗତ ୨୦୧୧ ମସିହା ହୋଲି ଦିନ ସ୍ଥାନୀୟ ହାତିଶାଳ ନିକଟରେ ହୋଇଥିବା ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତକୁ ଆଜିବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଜିଲ୍ଲା ଦୌରାଜଜ ପ୍ରଦୀପ କୁମାର ମହନ୍ତ ଏହି ମାମଲାର ବିଚାରଣା କରିବା ସହ ୧୨ଜଣ ସାକ୍ଷ ପ୍ରମାଣକୁ ଭିତି କରି ଆଜି ଏହି ରାୟ ଶୁଣାଇଛନ୍ତି । ଶେଖ ଜାହାଙ୍ଗିରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଗତ ୨୧ ମାର୍ଚ୍ଚ ୨୦୧୧ ମସିହା ହୋଲି ଦିନ ଅଭିଯୁକ୍ତ ଶେକ ମେହେବୁବ ଏଲିଅସ ରାଜା ଓ ଗୁଲାମ ନାବୀ ରାତି ୮ ଟାରେ ନାବୀଙ୍କ ସ୍ତ୍ରୀ ଓ ପରିବାର ବର୍ଗ ଘର ସମ୍ମୁଖରେ ଠିଆହୋଇଥିଲେ । ସେହି ସମୟରେ ଶେକ ଜାବେଦ ଓ ସେକ ରାଜା ଉଭୟ ଏକ ମୋଟର ସାଇକଲରେ ଆସି ଗୁଲାମ ନବୀଙ୍କ କାନରେ କହି ମୋଟ୍ର ସାଇକଲରେ ୩ଜଣ ଯାଇଥିଲେ । ସେହିଦିନ ଘରକୁ ନ ଫେରିବା ପରେ ରାତିରେ ନାବୀଙ୍କ ପରିବାର ବର୍ଗ ରାଜା ଓ ଜାବେଦଙ୍କ ଘରକୁ ଯାଇଥିଲେ କିନ୍ତୁ ସେମାନଙ୍କ ଘରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ । ସେମାନେ ନିରାଶ ହୋଇ ରାତି ରହିବା ପରେ ତା ପର ଦିନ ସକାଳୁ ହାତିଶାଳ ନିକଟରେ ନାବୀଙ୍କ ମର ଶରୀର ଖଣ୍ଡବିଖଣ୍ଡିତ ହୋଇ ପଡିଥିବା ଖବର ପାଇଲେ । ଜାବେଦଙ୍କ ଭଉଣୀକୁ ଗୁଲାମ ନବୀ ବାହା ହେବା ପାଇଁ ଚେଷ୍ଟା କରୁଥିଲା ଏବଂ ହୋଲି ଦିନ ମଧ ଦୁଃ ବ୍ୟବହାର କରିଥିଲା । ତେଣୁ ଆଗରୁ ଶେକ ମେହେବୁବ ଏଲିଅସ ରାଜା ଓ ଜାବେଦ ପ୍ଲାନ କରି ଗୁଲାମ ନବୀଙ୍କୁ ମାରିଥିଲେ । ଏହି ହତ୍ୟା ମାମଲାରେ ପୂର୍ବରୁ ଶେକ ଜାବେଦକୁ ୨୦୧୮ ମସିହାରେ ଆଜିବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ଶେକ ମେହେବୁବ ଏଲିଅସ ରାଜା ଫେରାର ଥିଲେ । ପୁଣି ଥରେ କେସର ଟ୍ରାଏଲ ହେବା ପରେ ଆଜି ଅଭିଯୁକ୍ତ ଶେକ ମେହେବୁବ ଏଲିଅସ ରାଜା କୁ ୧୨ଜଣ ସାଖ୍ୟ ପ୍ରମାଣକୁ ଭିତିକରି ଜିଲ୍ଲା ଦୌରାଜଜ ପ୍ରଦୀପ କୁମାର ମହନ୍ତ ରାଜା କୁ ଦୋଷୀ ସାବ୍ୟସ୍ତ କରିବା ସହ ଅଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଟଙ୍କା ଅନାଦେୟ ସ୍ଥଳେ ଏକବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଛେପ ପକାଇବା ଏବଂ ଆବର୍ଜନା ପାଇଁ ମାର୍ଚ୍ଚ ମାସରେ ୫୮୧ ଜଣଙ୍କୁ ଜରିମାନା

ଭୁବନେଶ୍ୱର,୦୪/୪ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଅଟେ । ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି । ଏହି କାର୍ଯ୍ୟ ବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ (ଜଚର), ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି । ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ ।

ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛି । ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ।

ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି ।

## ସଭିଏଁ କିଣନ୍ତୁ ଖୋର୍ଦ୍ଧା ଗାମୁଛା ଯୁବ ମୋର୍ଚ୍ଚାର ଆହ୍ୱାନ

ଖୋର୍ଦ୍ଧା,୦୪/୪ (ନି.ପ୍ର): ଆଜି ହସ୍ତତନ୍ତ ପରିଧାନ ଦିବସ । ବସ୍ତ୍ର ହେଉଛି ଆମ ସ୍ୱାଭିମାନ, ଐତିହ୍ୟ ଓ ପରିଚୟ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଓଡିଆ ପକ୍ଷ ପାଳନ ଅବସରରେ ହସ୍ତତନ୍ତ ପୋଷାକର ପ୍ରଚାର ପ୍ରସାର ସହିତ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହିତ ସମୃଦ୍ଧ ଓଡିଶା ଗଠନରେ ଅଂଶିଦାର ହେବା । ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଖଦି ଦୋକାନରୁ ଖୋର୍ଦ୍ଧା ଗାମୁଛା କିଣିବା ବୁଣାକାର ମାନଙ୍କୁ ସଶକ୍ତ କରିବା ସହିତ ସବୁବେଳେ ଲୋକମାନଙ୍କୁ ହସ୍ତତନ୍ତ ପରିଧାନ କରିବା ନିମନ୍ତେ ସଚେତନ କରାଯାଇଥିଲା । ଓଡିଶା ହସ୍ତତନ୍ତର ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଆମ ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ ସହିତ ଖୋର୍ଦ୍ଧା ଗାମୁଛା ସହିତ ରାଜ୍ୟ ବାହାରେ ମଧ୍ୟ ବେଶ ଆଦୃତ ଲାଭ କରିଛି । ଏହି କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା ମୁଖ୍ୟ ଅତିଥୀ ଭାବରେ ଯୋଗ ଦେଇଥିଲେ । ଏଥିରେ ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଗୋପବନ୍ଧୁ ଜେନା, ବିଶ୍ୱଦୀପ ପ୍ରଧାନ, ଉପ ସଭାପତି ଶୁଭ୍ରଜିତ୍ ମଙ୍ଗରାଜ, ନଗର ସଭାପତି ମାନସ ରଞ୍ଜନ ସାହୁ, ପ୍ରଦୀପ ସ୍ୱାଇଁ, ସମରେଶ ପାଇକରାୟ, ଦୀପକ ରାଉତରାୟ ଉପସ୍ଥିତ ଥିଲେ ।

## ସ୍ତ୍ରୀକୁ ନିର୍ଯାତନା ନେଇ ଅଭିଯୋଗ

ଜୟପୁର,୦୪/୪ (ନି.ପ୍ର): ସ୍ତ୍ରୀଙ୍କୁ ନିର୍ଯାତନା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀ ନାମରେ ମାମଲା ରଜୁ କରିଛି । ସୂଚନା ଅନୁଯାଇ, କୋରାପୁଟ ଟିକରା ସାହିର ରଶ୍ମି ସାଗର ଗତ ୨୦୧୪ ରେ ହରିୟାଣା ରାଜ୍ୟର ବିନୋଦ କୁମାରକୁ ବିବାହ କରିଥିଲେ । ଏ ମାନଙ୍କର ୨ଟି ସନ୍ତାନ ରହିଛି । ଅଭିଯୁକ୍ତ ବିନୋଦ ସ୍ତ୍ରୀକୁ ଶାରିରିକ ଓ ମାନସିକ ନିର୍ଯାତନା ଦେବା ସହ ପତ୍ନୀଙ୍କ ଅଶ୍ଳିଳ ଫଟୋ ମଧ ଫେସ ବୁକରେ ଲୋଡ କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ମହିଳା ପୋଲିସ ୪୩/୨୫ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିବା ବିଷୟ ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ପୌରସଂସ୍ଥା ଦୃଷ୍ଟି ବାଧିତ ବିଦ୍ୟାଳୟର ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ

କେନ୍ଦ୍ରାପଡ଼ା,୦୪/୪ (ନି.ପ୍ର): ଜିଲ୍ଲାର ସର୍ବ ପୁରାତନ ସ୍ୱତନ୍ତ୍ର ବିଦ୍ୟାଳୟ ପୌର ସଂସ୍ଥା ଦୃଷ୍ଟି ବାଧିତ ବିଦ୍ୟାଳୟ ର ୩୬ ତମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ମୁଖ୍ୟ ବକ୍ତା ଭାବେ ଅଜିତ ନାରାୟଣ ପ୍ରସାଦ ଗିରି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜ ସେବୀ ସମୀର ଚାନ୍ଦ, ଅଧାପିକା ସଶ୍ମିତା ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଯୋଗ ଦେଇ ସର୍ବ ପୁରାତନ ବିଦ୍ୟାଳୟ ଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସହକାରୀ ଶିକ୍ଷକ ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ଏହି ବିଦ୍ୟାଳୟକୁ ଆଗକୁ ନେବାକୁ ସମସ୍ତ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟତ୍ରୀ ସୋନାଲିକା ସ୍ୱାଇଁ, ସଶ୍ମିତା ରାଉତ, ମହେନ୍ଦ୍ର ସିଂ, ଗୀତା ଦାସ, ମନୋଜ କୁମାର ବେହେରା, ଅଲେଖ ଜେନା, ବିକାଶ ଦାସ, ମାନିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀ ଭରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକାକୁ ଗର୍ଭବତୀ କରି ଯୁବକ କୋର୍ଟ ଚାଲାଣ

କୋରେଇ,୦୪/୪ (ନି.ପ୍ର): ଜଣେ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରିବା ପରେ ନାବାଳିକା ବିବାହ ଲାଗି ଜିଦ ଧରିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯିବା ପରେ ନାବାଳିକାଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତକୁ ବ୍ରହ୍ମପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଗଡ଼ବନ୍ଦୀ ଗ୍ରମର ସଂଜୟ ସେଠୀଙ୍କ ପୁଅ ଲଲାଟ (୨୧) ପାଣିକୋଇଲି ଥାନା ଅଂଚଳରେ ଏକ ମିଲରେ ଜେସିବି ଅପରେଟର ଭାବେ କାର୍ଯ୍ୟ କରେ । ତେବେ ଉକ୍ତ ମିଲରେ ଅଭିଯୋଗକାରିଣୀ ଏହି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଥିବା ଆଦିବାସୀ ବସ୍ତିର ଜୈନେକା ନାବାଳିକା (୧୫)ର ଭାଇ କାର୍ଯ୍ୟ କରୁଥିଲା । ତେବେ ନାବାଳିକାର ଭାଇ ସହିତ ସମ୍ପର୍କ ରଖି ଲଲାଟ ପ୍ରାୟ ସମୟରେ ନାବାଳିକା ଘରକୁ ଯିବା ଆସିବା କରୁଥିଲା । ଇତ୍ୟବସରରେ ନାବାଳିକା ସହିତ ଲଲାଟର ପ୍ରେମ ସମ୍ପର୍କ ସୃଷ୍ଟି ହେବା ପରେ ଲଲାଟ ତାକୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖି ଆସୁଥିଲା । ତେବେ ନାବଳିକା ଜଣକ ଅନ୍ତସତ୍ତ୍ୱା ଥିବାର ଜାଣି ଲଲାଟକୁ ବିବାହ ଲାଗି ଜିଦ ଧରିବାରୁ ଲଲାଟ ନିଜର କର୍ମସଂସ୍ଥାନରୁ ଫେରାର ହୋଇଯିବା ସହିତ ନାବାଳିକାର ଫୋନ ଆଉ ଉଠାଇନଥିଲା । ଏ ନେଇ ନାବାଳିକା ଜଣକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୭୩/୨୫ ରଜୁ କରିବା ସହିତ ଅଭିଯୁକ୍ତର ନମ୍ବରକୁ ଟ୍ରାକିଙ୍ଗ କରି ବ୍ରହ୍ମପୁରରୁ ଉଠାଇ ଆଣିଥିଲା । ଗୁରୁବାର ଅଭିଯୁକ୍ତ ଲଲାଟକୁ ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତ କୁମାର ଦାଶ ଜଣାଇଛନ୍ତି ।

## ଭୁବନ ଏନ୍ଏସିରେ 'ଓଡ଼ିଆ ପକ୍ଷ' ପାଳନ

ଭୁବନ,୦୪/୪ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ 'ଓଡ଼ିଆ ପକ୍ଷ' ପାଳିତ ହୋଇଯାଇଛି । ଏହି ଅବସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ପ୍ରାଣକୃଷ୍ଣ ଓଝା, ବିଶ୍ୱାସ ମହାନ୍ତି, ସଚିନ ମହାନ୍ତି,ସନ୍ତୋଷ କୁମାର ମିଶ୍ର,ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଏବଂ ଆମ ପୋଷାକ, ଆମ ପରିଚୟ । ମୁଁ ଓଡିଆ, ମୋ ଭାଷା ବଢିଆ ନାରାବାଜି କରିଥିଲେ । ଓଡ଼ିଆ ପକ୍ଷ ପାଳନ ପାଇଁ ସନ୍ଧ୍ୟାରେ ଏନ୍ ଏ ସି କାର୍ଯ୍ୟାଳୟକୁ ରଙ୍ଗୀନ ଆଲୋମାଳାରେ ରେ ସଜ୍ଜିତ କରାଯାଇଥିଲା ।

# ଫୁଲବାଣିରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ

କନ୍ଧମାଳ,୦୪/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ତୃତୀୟ ଦିନରେ କନ୍ଧମାଳ ଜିଲା ପ୍ରଶାସନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆମ ପୋଷାକ ଆମ ପରମ୍ପରା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ପାଳିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟାଳୟର କର୍ମଚାରୀ ମାନେ ହସ୍ତତନ୍ତ ପୋଷାକ ପିନ୍ଧିଥିବାର ଦେଖାଯାଇଥିଲା । ଏହି ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ୱାମୀ ଚିଦାନନ୍ଦ ବିଦ୍ୟାଳୟ ପରିସରରେ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଯୋଗାଦେଇ ବସ୍ତ୍ର ହେଉଛି ଆମର ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତ ସମଗ୍ର ବିଶ୍ୱରେ ପରିଚିତ ରହିଛି ରହିଛି ଓ ଏହା ଆମ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ସସ୍ମିତା ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀ ସଂଜୟ ପାତ୍ର, ଡ଼ି.ସି.ପି.ଓ ଶ୍ରୀମତି ରଶ୍ମିତା କରନ୍, ବିଦ୍ୟାଳୟର ନିର୍ଦ୍ଦେଶକ କିଶୋର ପ୍ରଧାନ, ସଂପାଦକ ଶ୍ରୀ ମାନସ କୁମାର, ବିଦ୍ୟାଳୟ ଅଧକ୍ଷା ଶ୍ରୀମତି ଶୁଭ୍ରାରାଣୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଛାତ୍ରୀମାନେ ପାରମ୍ପରିକ ପୋଷାକରେ ନୃତ୍ୟ ପରିବେଶଷ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ପାରମ୍ପରିକ ପୋଷାକରେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସେହିଭଳି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପାରମ୍ପରିକ ପୋଷାକ ପିନ୍ଧି କାର୍ଯ୍ୟରେ ଯୋଗଦେଇଥିଲେ ।

# ଓଡିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ଧର୍ମଶାଳା,୦୪/୪ (ନି.ପ୍ର): ଭାରତୀୟ ମଜଦୁର ସଂଘ ସଂଲଗ୍ନ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଧର୍ମଶାଳା ବିଡ଼ିଓଙ୍କୁ କାର୍ଯ୍ୟାଳୟରେ ଭେଟି ନୂତନ ଇସି ଗଠନ ନ କରିବାକୁ ଦାବି କରିଛନ୍ତି । ଓଡ଼ିଶା ମିଶନ ଶକ୍ତି ବିଭାଗ ପତ୍ର ସଂଖ୍ୟା ୩୫୬ ତା୨୨/୦୧/୨୦୨୫ରିଖରେ ରାଜ୍ୟର ଥିବା ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ପାଖକୁ ନୂତନ ସଂଘ ସହିତ ଇସି ମାନଙ୍କୁ ନୂତନ ଭାବରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା । ଏହାକୁ କେନ୍ଦ୍ର କରି ରାଜ୍ୟରେ ଥିବା ୧ ଲକ୍ଷ ୫୯ ହଜାର ଇସି ଭୁବନେଶ୍ୱର ଲୋୟର ପିଏମଜି ଛକଠାରେ ୧୬ ଦିନ ଧରି ଧାରଣା ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଧାରଣାସ୍ଥଳକୁ ଆସି ଇସି ମହିଳାମାନଙ୍କୁ ଖରାତରା ନ ବସି ତୁମର ଦାବି ପୂରଣ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି । ଆପଣମାନେ ଧାରଣାରୁ ଉଠିଯାଆନ୍ତୁ ବୋଲି ପ୍ରତିଶୃତି ପାଇବା ପରେ ଧାରଣା ସ୍ଥଗିତ ରଖିଥିଲେ । ପୂନଃର୍ବାର ପତ୍ର ସଂଖ୍ୟା ୨୩୬୫ ତା୨୭/୦୩/୨୦୨୫ରିଖ ଅନୁଯାଇ ସମସ୍ତ ଜିଲ୍ଲାପାଳଙ୍କୁ ନୂତନ ମିଶନ ଶକ୍ତି କମିଟି ଗଠନ ପାଇଁ ପୁଣି ନିର୍ଦ୍ଦେଶ ଦିଆଯାଇଛି । ଏହା ଜାଣିବା ପରେ ଏନେଇ ରାଜ୍ୟ ମିଶନ ଶକ୍ତି ସଂଘ ସାରା ରାଜ୍ୟରେ ଏହାକୁ ଘୋର୍ ବିରୋଧ କରିଛି । ଏ ନେଇ ଓଡ଼ିଶା ଜୀବିକା ମିଶନ ଇସି ସଂଘ ଧର୍ମଶାଳା ଶାଖା ପକ୍ଷରୁ ନୂତନ ଇସି ଗଠନକୁ ସାମୂହିକ ସ୍ଥଗିତ ରଖିବା ପାଇଁ ଧର୍ମଶାଳା ବିଡ଼ିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ଇସି ସଂଘ ଧର୍ମଶାଳା ଶାଖାର ସଭାନେତ୍ରୀ ରେଣୁବାଳା ଶତପଥୀ, ଉପସଭାପତି ମୀନତି ନାଥ, ସମ୍ପାଦିକା ଶାନ୍ତିଲତା ଦାଶ, କୋଷାଧକ୍ଷା ମିନତୀ ପଣ୍ଡା, ସଭ୍ୟା ଚନ୍ଦ୍ରିକା ସାମଲ, ବାସନ୍ତୀ ସାହୁ, ଲୀଳାବତୀ ଦାସ, ମିନାକ୍ଷୀ ମହାପାତ୍ର, ଦମୟନ୍ତୀ ଜେନା, ପ୍ରଭାସିନୀ ନାୟକ ଓ ଅରୁଣା ମହାନ୍ତି ପ୍ରମୁଖ ସାମିଲ ହୋଇ ବିଡ଼ିଓ ଜ୍ୟୋର୍ତିମୟ କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଫେରାର ୪ ଅଭିଯୁକ୍ତଙ୍କୁ ଗିରଫ କଲା ସଦର ପୋଲିସ

ଜୟପୁର,୦୪/୪ (ନି.ପ୍ର): ଫେରାର ୪ ଅଭିଯୁକ୍ତ କୁ ଗିରଫ କଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଖୁଡୁପି ଗ୍ରାମର ପଦ୍ମନ ହରିଜନ (୨୬), କୁନ୍ତରଖାଲ ଗ୍ରାମର ହରିଷ୍ଟ ଚନ୍ଦ୍ର ବାରିକ (୪୦) , କୁନ୍ତରଖାଲ ଗ୍ରାମ ଦିବାକର ନାୟକ (୩୨) , ହାଟକଙ୍ଗା ଗ୍ରାମର ଏଙ୍କେଟରାଓ ବିଷୋୟୀ (୫୦) । ସୂଚନା ଅନୁଯାଇ ଖୁଡୁପି ଗ୍ରାମର ପଦ୍ମନ ହରିଜନ ନାମରେ ୨୦୧୭ ମସିହାରେ ଅପରାଧିକ ମାମଲା ରହିଥିବା ବେଳେ କୁନ୍ତରଖାଲ ଗ୍ରାମର ହରିଷ୍ଟ ଚନ୍ଦ୍ର ବାରିକ ଓ ଦିବାକର ନାୟକ ନାମରେ ୨୦୨୩ ମସିହାରେ ଅପରାଧିକ ମାମଲା ରହିଥିଲା, ହାଟକଙ୍ଗା ଗ୍ରାମର ଏଙ୍କେଟରାଓ ବିଷୋୟୀ ଙ୍କ ନାମରେ ୨୦୨୧ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କୋରେଇ,୦୪/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ପୁରୁଣା ଥାନା ଠାରୁ ଶହେ ମିଟର ଦୂରରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପ୍ରକାଶ ଯେ ଗୁରୁବାର ସକାଳୁ କିଛି ବ୍ୟକ୍ତି ଉକ୍ତ ସ୍ଥାନରେ ଏକ ମୃତଦେହ ଦେଖି ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପକୁ ଖବର ଦେଇଥିଲେ । ପରେ ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ଗ୍ରୁପର ସଦସ୍ୟ ମାନଙ୍କ ସହଯୋଗରେ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ପଠାଇଥିଲେ । ଉକ୍ତ ବ୍ୟକ୍ତି ଜଣକ ଲାଲ ରଙ୍ଗର ଟି ସାର୍ଟ ସହିତ ଏକ ହାଫ ପ୍ୟାଂଟ ପିନ୍ଧି ଥିଲେ । ଏ ନେଇ ପାଣିକୋଇଲି ପୁଲିସ ଏକ ଅପମୃତ୍ୟୁ ମାମଲା ୧୦/୨୫ ରଜୁ କରିବା ସହିତ ମୃତ ବ୍ୟକ୍ତିଙ୍କ ଶବକୁ ବ୍ୟବଚ୍ଛେଦ କରାଇ ଶବାଗାରରେ ରଖିଛି ।

# ଅମଲିଚୁଁଆ, ଭେଡୀକୁଦର ଗ୍ରାମକୁ ପକ୍କା ରାସ୍ତା ପାଇଁ ବିଡ଼ିଓ ଦେଲେ ପ୍ରତିଶ୍ରୁତି

ସମ୍ବଲପୁର,୦୪/୪ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସିରିଡ଼ି ପଂଚାୟତ ଅମଲିଚୁଁଆ ଓ ଭେଦିକୁଦର ଗ୍ରାମକୁ ଜମନକିରା ବିଡିଓ ରବୀନ୍ଦ୍ର ସେଠି ନିଜେ ଯାଇ ପରିଦର୍ଶନ କରି ଆଗାମୀ ବର୍ଷାଦିନ ପୂର୍ବରୁ ଗ୍ରାମକୁ ରାସ୍ତା ତିଆରି ପାଇଁ ପ୍ରତିଶୃତି ଦେଇଥିବା ଗ୍ରାମବାସୀ କହିଛନ୍ତି । ସୂଚନାନୁଯାୟୀ ଶିରିଡ଼ ପଂଚାୟତ କାର୍ଯ୍ୟଳୟରୁ ୫ କିମି ଅମଲିଚୁଁଆ ଓ ଭେଡୀକୁଦର ଗ୍ରାମକୁ ଘଂଚ ଜଙ୍ଗଲ ପାହାଡିଆ କଂଚା ରାସ୍ତା ରହିଥିବା ବେଳେ ଏଠିକାର ଜନସଂଖ୍ୟା ପ୍ରାୟ ୨ ଶହରୁ ଅଧିକ । ଏଠିକାର ଜନବସତି ସ୍ୱାଧୀନତା ପୂର୍ବରୁ ଗଢି ଉଠିଥିବା ବେଳେ ଆଜିକୁ ଏତେ ଶାସକ ଦଳ ବଦଳି ସାରିଥିବା ସତ୍ୱେ ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ ନା ପ୍ରଶାସନ ଅଧିକାରୀ ନା କୌଣସି ରାଜନେତା ଏହି ପାହାଡିଆ ରାସ୍ତାକୁ ଗୋଟିଏ ପକ୍କା ରାସ୍ତା ତିଆରି କରିଦେଇ ନଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହି ଖବର ରେଙ୍ଗାଳବେଡା ନିବାସୀ ତଥା ବିଜେପି କର୍ମୀ ରିକି ଶର୍ମା ଜାଣିବାକୁ ପାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏହି ଖବର ବିଷୟରେ ଜମନକିରା ବିଡ଼ିଓ ଶ୍ରୀ ସେଠୀଙ୍କୁ ଫୋନ ମାଧମରେ ଅବଗତ କରାଇଥିଲେ । ଏହାକୁ ନେଇ ଜମନକିରା ବିଡ଼ିଓ ଶ୍ରୀ ସେଠୀ ବୁଧବାର ନିଜେ ସେହି ପାହାଡିଆ ଅଂଚଳକୁ ଯାଇ କଂଚା ରାସ୍ତା ପରିଦର୍ଶନ କରିବା ସହ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ତେବେ ଆଗାମୀ ବର୍ଷାଦିନ ପୂର୍ବରୁ ଏଠାରେ ନୂତନ ରାସ୍ତା ନିର୍ମାଣ ହେବ ସମ୍ପର୍କରେ ପ୍ରତିଶୃତି ଦେଇଥିବା ଗ୍ରାମବାସୀ କହିଛନ୍ତି । ଏଠାରେ ନୂତନ ରାସ୍ତା ତିଆରି ହେବା ଆଶ୍ୱାସନା ପାଇ ଗ୍ରାମବାସୀ ଙ୍କ ମୁହଁରେ ଖୁସି ଖେଳି ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ଏକାଡେମିକ ଷ୍ଟଡି ଟୁରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ

ଜୟପୁର,୦୪/୪ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ୩୪ ଜଣ ଛାତ୍ରଛାତ୍ରୀ ଓ ଦୁଇ ଜଣ ଅଧ୍ୟାପକଙ୍କ ଏକ ଟିମ୍ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ପରିଦର୍ଶନ କରିଛନ୍ତି । ଏହି ପ୍ରତିନିଧି ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ ନେତୃତ୍ୱ ନେଇଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ଏହି ଗସ୍ତକୁ ପରିଚାଳନା କରାଯାଇଥିଲା । ଏହି ଅବସରରେ ଏକ ଆଲୋଚନାଚକ୍ରରେ ଆସୋସିଏଟ୍ ପ୍ରଫେସର ଡ. ମିନତି ସାହୁ ଦଳକୁ ସ୍ୱାଗତ କରିଥିବା ବେଳେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରଥି କାନ୍ତ କୁମ୍ଭାର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଫେସର କୁମ୍ଭାର ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଭବିଷ୍ୟତର ସହଯୋଗକୁ ପ୍ରୋତ୍ସାହିତ କରିଥିଲେ । ପ୍ରଫେସର ସ୍ୱାଇଁ ଏହି ଗସ୍ତକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଏହାର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିଦର୍ଶନ ପାଇଁ ନିମନ୍ତ୍ରଣ କରିଥିଲେ । ଏହି ଅଧିବେଶନରେ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କର ପର୍ଯ୍ୟବେକ୍ଷଣ ଓ ଅନୁଭୂତି ଆଲୋଚନା ମାଧ୍ୟମରେ ବିନିମୟ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ଏହି ଅବସରରେ ଅର୍ଥନୀତି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ କରିଥିଲେ । ଅଧ୍ୟାପକ ବିଶ୍ୱଜିତ ଭୋଇ, ଡ. ବବଲୁ ଜାଖର, ଡ. ପ୍ରିୟମ୍ବଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁନର୍ବାସ ପକ୍ଷରୁ ବିଶ୍ୱ ଅଟିଜିମ ସଚେତନତା ଦିବସ ପାଳନ

କେନ୍ଦ୍ରାପଡ଼ା,୦୪/୪ (ନି.ପ୍ର): ବିଶ୍ୱ ଅଟିଜିମ ସଚେତନତା ଦିବସ ଅବସରରେ ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ପାଇଁ କାର୍ଯରତ 'ପୁନର୍ବାସ' ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା, ତୁଳସୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧାପିକା ଡ଼ ସୁଜାତା ଭଟ୍ଟ, ଅଧାପକ ରଞ୍ଜିତ ଦାସ, ବିଶିଷ୍ଟ ସାମାଜିକ କର୍ମୀ ତଥା ସମାଜ ବିଜ୍ଞାନୀ ଅଲ୍ୟଳ ବଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରିସୋର୍ସ ପର୍ଶନ ଭାବେ ବାକ୍ ଓ ଶ୍ରବଣ ବିଶେଷଜ୍ଞ ଚନ୍ଦନ ବେହେରା ପ୍ରମୁଖ ଯୋଗଦେଇ ଅଟିଜିମ୍ର ବିଭିନ୍ନ ଲକ୍ଷଣ, ଚିହ୍ନଟ ପ୍ରକ୍ରିୟାର ବିବିଧ ଦିଗ ଓ ଅବସ୍ଥାଗତ ସ୍ୱାତନ୍ତ୍ର୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ଏକ ସ୍ନାୟୁ ଓ ବିକାଶଗତ ବ୍ୟତିକ୍ରମତା ହୋଇଥିବାରୁ ଏମାନେ ଶାରୀରିକ ଭାବେ ସଠିକ୍ ଜଣାପଡୁଥିଲେ ମଧ ଏମାନଙ୍କ ମଧ୍ୟରେ ବିକାଶ ପ୍ରକ୍ରିୟାର ଅଦ୍ଭୁତ ବିଲକ୍ଷଣତା ଦେଖିବାକୁ ମିଳିଥାଏ ବୋଲି ପ୍ରକାଶ କରିଥିଲେ । ଉପଯୁକ୍ତ ସମୟରେ ଚିହ୍ନଟ କରି ଆରମ୍ଭରୁ ପ୍ରଶିକ୍ଷଣ ଓ ଥେରାପି ପ୍ରଦାନ କଲେ, ସେମାନେ ଉପକୃତ ହୋଇପାରିବେ । ଏହି ସଚେତନତା ସଭାରେ ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ରେଡ଼କ୍ରସ ବିଭାଗର ପ୍ରତିନିଧି ଛାତ୍ରୀମାନେ ମଧ ସାମିଲ ହୋଇଥିଲେ । ଅନୁଷ୍ଠାନ ପକ୍ଷରୁ ଜ୍ୟୋତିରଞ୍ଜନ ନାୟକ, ନୃସିଂହ ତ୍ରିପାଠୀ, ସଂଜୀବ ଜେନା, ରଚିତା ଜେନା, ରଂଜନ ସ୍ୱାଇଁ କ୍ଷୀରୋଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପିଲାଚୋର ସନ୍ଦେହରେ ଯୁବକକୁ ନିସ୍ତୁକ ମାଡ଼

କୋରେଇ,୦୪/୪ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ବର୍ତମଣା ଠାରେ ଜଣେ ଯୁବକଙ୍କୁ ପିଲା ଚୋର ସନ୍ଦେହରେ କିଛି ଯୁବକ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିଛନ୍ତି । ପ୍ରକାଶ ଯେ, ଓଟିନ୍ଦା ରୋଡ଼ର ଅମୃତିଆ ରାସ୍ତା ନିକଟରେ ଉକ୍ତ ଯୁବକ ଜଣକ କିଛି ପିଲାଙ୍କୁ ବିସ୍କୁଟ ଦେଉଥିବାର ସ୍ଥାନୀୟ କିଛି ବ୍ୟକ୍ତିଙ୍କ ନଜରକୁ ଆସିଥିଲା । ଏ ନେଇ ଉକ୍ତ ବ୍ୟକ୍ତିଙ୍କୁ ତାଙ୍କ ଘର ଠିକଣା ପଚାରିବାରୁ ସେ କହି ପାରିଲେ ନାହିଁ । ଫଳରେ କିଛି ବ୍ୟକ୍ତି ଉକ୍ତ ଯୁବକଙ୍କୁ ପିଲା ଚୋର ଭାବି ନିସ୍ତୁକ ମାଡ଼ ମାରିଲେ । ଖବର ପାଇ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଂଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି କୋରାଇ ଡ଼ାକ୍ତରଖାନାରେ ଚିକିତ୍ସିତ କରିବା ପରେ ଥାନାର ଜିମା ଦେଇଛନ୍ତି । ତେବେ ଉକ୍ତ ଯୁବକ ଜଣକ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ, ବାଛିଆରୀ ଗ୍ରାମର ନଟିଆ ଦଳେଇଙ୍କ ପୁଅ କଳ୍ପତରୁ (୩୫) ଏବଂ ସେ ଖଂଜଣୀ ବଜାଇ ଭିକ୍ଷାବୃତି କରନ୍ତି ବୋଲି ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ତଥ୍ୟ ସଂଗ୍ରହ କରିଛି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୦୫ ଏପ୍ରିଲ ୨୦୨୫


# ରାସ୍ତାକଡରେ ଥିବା ମୋମୋସ୍ ଖାଉଛନ୍ତି କି ? ଜାଣନ୍ତୁ ଏହାର ବିପଦ

**ପ୍ରତ୍ୟେକ ବ୍ୟକ୍ତି ନିଜ ପାଟିର ସ୍ୱାଦ ପାଇଁ ବଜାରରୁ ବିଭିନ୍ନ ପ୍ରକାର ଖାଦ୍ୟ ସେବନ କରିଥାନ୍ତି । କିଏ ତେଲ ଜାତିୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ତ ଆଉ କିଏ ପିଜା ବରଗର ଇତ୍ୟାଦି ଖାଇଥାନ୍ତି । ତେବେ ଏହିସବୁ ଖାଦ୍ୟ ମଧ୍ୟରେ ମୋମସ୍ ମଧ ସାମିଲ ଅଛି । ଯାହାର ଚାହିଦା ଆଜିର ସମୟରେ ଖୁବ୍ ବେଶି ରହିଛି । ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ମୋମସ୍ ଖାଇଥାନ୍ତି । ଖାସ୍ କରି ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ ମିଳୁଛି। ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ରାସ୍ତା କଡରେ ଥିବା ଏହି ମୋମୋସ୍ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତି କାରକ ହୋଇଥାଏ । ଏଥିସହିତ ଏଥିରେ ଦିଆଯାଉଥିବା ଲାଲ୍ ଚଟଣୀ ଶରୀର ଉପରେ କେତେ ମାତ୍ରାରେ ପ୍ରଭାବ ପକାଇଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ସମ୍ପର୍କରେ...**

ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ମୋମୋସ୍: ମୋମୋସ୍ ସୂକ୍ଷ୍ମ ମଇଦାରୁ ନିର୍ମିତ ହୋଇଥାଏ । ଏଥିରେ ଆଜୋଡିକାର୍ବୋନାମାଇଡ୍, ବେନୋଜୋଏଲ୍ ପେରକ୍ସାଇଡ୍ ପରି ଉପାଦାନଗୁଡିକ ସାମିଲ ଥାଏ । ଏଥିସହିତ ମୋମୋସକୁ ନରମ ରଖିବା ପାଇଁ ଏଥିରେ ଆଲକ୍ସାନ୍ ନାମକ ଏକ ଉପାଦାନ ମଧ ମିଶ୍ରଣ କରାଯାଇଥାଏ । ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ । ବାସ୍ତବରେ, ମମୋସ୍ ତିଆରି କରିବା ପାଇଁ ମଇଦାରେ ଯୋଗ କରାଯାଉଥିବା ଏହି ଉପାଦାନଗୁଡିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହି ଉପାଦାନଗୁଡ଼ିକ ଶରୀରର ଅଗ୍ନାଶୟକୁ କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ ଏହା ମଧୁମେହ ହେବାର ଆଶଙ୍କା ମଧ ବୃଦ୍ଧି ପାଇଥାଏ ।

ମୋମୋସର ଲାଲ୍ ଚଟଣି ମଧ କ୍ଷତିକାରକ: ତେବେ ଆଜିକାଲି ରାସ୍ତାକଡରେ ଏହି ମୋମସ୍ ଅଧିକ ମାତ୍ରାରେ ଏବଂ ଶସ୍ତାରେ ମଧ ମିଳୁଛି । ଯାହାକୁ ମେୟୋନିଜ୍ ଏବଂ ଲାଲ୍ ଚଟଣି ସହତ ଦିଆଯାଏ । ଯାହାକି ଲାଲ୍ ଶୁଖିଲା ଲଙ୍କାରୁ ପ୍ରସ୍ତୁତ ହୋଇଥାଏ । ଏଥିସହିତ ଏହା ବହୁତ ମସଲା ଯୁକ୍ତ ମଧ ହୋଇଥାଏ । ତେବେ ଏହାକୁ ସେବନ କରିବା ଦ୍ୱାରା ପେଟ ଜନିତ ସମସ୍ୟା ଦେଖାଦେଇଥାଏ । ଯାହାକି ପରବର୍ତ୍ତି ମୁହୂର୍ତ୍ତରେ ଅନେକ ସମସ୍ୟା ସୃଷ୍ଟି କରେ । ତେଣୁ ଅଧିକ ମୋମୋସ୍ ଖାଇବା ଶରୀର ପାଇଁ ବହୁତ କ୍ଷତି କାରକ ହୋଇଥାଏ ।



# ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର

ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରିକି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ।



ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

# ଗୁପ୍ତ ସହର



ନିର୍ମିତ ଘରଗୁଡ଼ିକରେ ବଡବଡ ବାଲ୍‌କୋନି ସହ ଏକାଧିକ ଗ୍ରୀନ୍‌ହାଉସ ବ୍ୟବସ୍ଥା ରଖାଯିବ । ଛାତ ଉପରେ ଚାଷବାସ କରାଯାଇପାରିବ । ବଡ଼ବଡ଼ କାଠ ବ୍ଲକ୍‌ରେ ଏହି ଘରଗୁଡ଼ିକ ତିଆରି ହେବ । ଡ୍ରୋନ୍ ଦ୍ୱାରା ଏହି ସହର ଉପରେ ଦୃଷ୍ଟି ରଖାଯିବ ଯେପରିକି କୌଣସି ସମସ୍ୟା ହେଲେ ତୁରନ୍ତ ଜଣାପଡ଼ିପାରିବ । ବାର୍ସିଲୋନାର ଗୁଆଲେର୍ଟ ଆର୍କିଟେକ୍ଟ୍ସ ଏହି ସହର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଦେଶର ଆହୁରି ଏକାଧିକ ସ୍ଥାନରେ ଏପରି ସହର ନିର୍ମାଣ ଲାଗି ଚୀନ୍ ରାଷ୍ଟ୍ରପତି ଯୋଜନା କରିଥିବା ଜଣାଯାଇଛି । ସାରା ବିଶ୍ୱ ତାଲାବନ୍ଦ ହୋଇ ରହିଥିବା ବେଳେ ଚୀନ୍‌ରେ ଏହି ସହର ନିର୍ମାଣ ଚାଲିଥିଲା । ଏପରିକି ତାଲାବନ୍ଦ ସମୟରେ ହିଁ ଗୁଆଲେର୍ଟ ଆର୍କିଟେକ୍ଟ୍ସ ସଂସ୍ଥା ନିର୍ମାଣ କରିବାର ଟେଣ୍ଡର ପାଇଥିଲା । ୭୭୨ ବର୍ଗ ମାଇଲ ଅଞ୍ଚଳରେ ନିର୍ମାଣଧୀନ ଥିବା ଏହି ସହର ଲଣ୍ଡନ ଏବଂ ନ୍ୟୁୟର୍କଠାରୁ ବି ବଡ଼ । ତେବେ ଏପରି ସହର ନିର୍ମାଣ ପଛରେ ଭବିଷ୍ୟତକୁ ଚୀନ୍ ବିଶ୍ୱ ପାଇଁ ଆହୁରି ଅଧିକ ଭୟଙ୍କର ବିପଦ ସୃଷ୍ଟି କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଚାଲିଛି ।


### ରିସୋ, କାନାଡ଼ା:

ଏଠାରେ ମଣ୍ଟ୍ରିଲ ସହର ତଳେ ଥିବା ଏହି ସହରଟି କାନାଡ଼ାକୁ ଧରି ରଖିଥିବା ସ୍ତମ୍ଭ ବୋଲି କୁହାଯାଏ । ଖରାଦିନେ ବି ମାଟି ତଳେ ଥିବା ଏହି ସହରରେ ଖୁବ୍ ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ହୋଟେଲ, ରେଷ୍ଟୋରାଁ, ସୁପରମାର୍କେଟ, ସପିଙ୍ଗ ମଲ, ମେଟ୍ରୋ ଷ୍ଟେସନ ପରି ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ । ସିନେମା ହଲ୍, ଲାଇବ୍ରେରୀ ସହ ରହିବାକୁ ଆପାର୍ଟମେଣ୍ଟ ବି ଏଠାରେ ଅଛି ।

### ବର୍ଲିଂଟନ୍, ଇଂଲଣ୍ଡ:

ପରମାଣୁ ବୋମା ପରି ଆକ୍ରମଣ ସ୍ଥିତିରେ ସୁରକ୍ଷିତ ରହିବା ଲାଗି ଲଂଲଣ୍ଡର ୱିଲ୍‌ଟଶାୟର ସହରରେ ଭୂମି ତଳେ ବର୍ଲିଂଟନ୍ ସହର ନିର୍ମାଣ କରାଯାଇଛି । ୨୪୦ ଏକର ପରିବ୍ୟାପ୍ତ ଏହି ସହରରେ ୪ ହଜାର ରେଳଷ୍ଟେସନ୍, ହସ୍ପିଟାଲ, ଜଳାଶୟ ଏପରିକି ବିବିସିର ଏକ ଷ୍ଟୁଡିଓ ମଧ ରହିଛି । ବର୍ଲିଂଟନ୍‌ରେ ପ୍ରାୟ ୬୦ କିଲୋମିଟର ରାସ୍ତା ଜାଲ ପରି ବିଛାଇ ହୋଇ ରହିଥିବା ଜଣାଯାଏ ।

# ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?



ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ। ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ । ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା। ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ । ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି। ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ । ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

# ଭାତ ଓ ରୁଟି: କାହାର ଆରମ୍ଭ କେବେ, ଜାଣନ୍ତୁ

ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ହିଁ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମ ଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଆମର ଭାରତୀୟ ଖାଦ୍ୟ ଅଭ୍ୟାସରେ ଭାତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଶେଷ ଭାବେ ପଶ୍ଚିମବଙ୍ଗ, ଓଡ଼ିଶାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ପ୍ରମୁଖ ଭାବେ ଭାତ ହିଁ ଖାଇଥାନ୍ତି। ଆମ ଓଡ଼ିଶାରେ ତ ଭାତ ସାଙ୍ଗକୁ ଡାଲି ଓ ଆଳୁ ଚକଟା ଟିକେ ହୋଇଗଲେ ଆତ୍ମା ଶାନ୍ତି ହୋଇଯାଏ। ଏଥିପାଇଁ ଆମଦେଶରେ ଧାନ ବହୁଳ ମାତ୍ରାରେ ଚାଷ କରାଯାଏ। ଆମ ଦେଶରେ ପାରମ୍ପରିକ ଭାବେ ବାସୁମତୀ, ହଂସରାଜ, ଜୟା, ପଦ୍ମା, ସୋନା, ଇତ୍ୟାଦି କିସମର ଧାନ ଚାଷ ହୋଇ ଚାଉଳ ଅମଳ ହୁଏ। ବିଭିନ୍ନ ରାଜ୍ୟରେ ଚାଉଳକୁ ଅନେକ ପ୍ରକାରରେ ପ୍ରକ୍ରିୟାକରଣ କରାଯାଇ ଖାଦ୍ୟୋପଯୋଗୀ କରାଯାଉଛି। ଆମେ ସାଧାରଣତଃ ଭାତ, ମୁଢ଼ି, ଚୁଡ଼ା ଆଦି ଆମର ପ୍ରମୁଖ ଖାଦ୍ୟ ତଥା ଜଳଖିଆ ଭାବେ ନେଇଥାଉ। ତେବେ ଆସନ୍ତୁ ଆଜି ଜାଣିବା ଭାତ ତଥା ବିଭିନ୍ନ ଭାତ ଜାତୀୟ ଖାଦ୍ୟରେ ଆମ ଶରୀର ପାଇଁ କଣ ସବୁ ଆବଶକୀୟ ପୋଷକ ତତ୍ତ୍ୱ ରହିଛି। ଇତିହାସ କୁହେ,ସ୍ୱାଧୀନତାର ପୂର୍ବ ସମୟ ବା ୧୯୪୦ ପୂର୍ବବର୍ତ୍ତୀ ସମୟରେ ଦକ୍ଷିଣ ତଥା ପୂର୍ବ ଭାରତରେ ରୁଟି ଖାଇବା ଏକ ପ୍ରକାର ଆରମ୍ଭ ହୋଇନଥିଲା। ଭାତ ହିଁ ପ୍ରମୁଖ ଖାଦ୍ୟ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଁ ଧାନର ଉପଲବ୍ଧତା ବ୍ୟାଘାତ ହେବା ପରେ ଗହମ ଚାଷ ପ୍ରତି ଆଗ୍ରହ ବଢ଼ିଲା ଏବଂ ସମୟେ ସମୟେ ରୁଟି ଖାଇବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ପ୍ରତି ଭାରତୀୟମାନଙ୍କ ଘରେ ଦିନକୁ ଥରେ ରୁଟି ଖାଇବା ଦେଖାଯାଉଛି। ବ୍ୟକ୍ତିପିଛା ଏହା ପ୍ରାୟ ଚାଳିଶରୁ ପଚାଶ ଗ୍ରାମ ହୋଇଥାଏ। ତେବେ ଉତ୍ତର ଭାରତରେ ହିଁ ଗହମ ଉତ୍ପାଦନ ଅଧିକ ଥିବା ବେଳେ ଏହା ସବୁ ସ୍ଥାନରେ ବର୍ତ୍ତମାନ ଭାତ ପରି ଏକ ପ୍ରମୁଖ ଖାଦ୍ୟ ହୋଇଛି। ରୁଟି ବିଷୟରେ କହିବାକୁ ଗଲେ, ଗହମ ଚାଷ ହେଉଥିବା





କ୍ଷେତରେ ପାଣି କମ୍ ଆବଶ୍ୟକ ହେବା ସହ ଉଚ୍ଚାଭୂମି ହେବା ଆବଶ୍ୟକ। ବିହନ ବୁଣା ହେବାଠାରୁ ନେଇ ଶସ୍ୟ ଅମଳ ହେବା ଏବଂ ଏହା ପରେ ଗହମ ଚୁରା ହୋଇ ଅଟା ହେବାର ପ୍ରକ୍ରିୟାରେ ଏଥିରେ ଥିବା ପୋଷକ ତତ୍ତ୍ୱ ଅଲଗା ଅଲଗା ହୋଇଥାଏ। ଗହମ ଅଟା ହେବାର ମୁଖ୍ୟତଃ ଦୁଇ ପ୍ରକାର ପ୍ରକ୍ରିୟା ଆମ ଦେଶରେ ଅବଲମ୍ବନ କରାଯାଏ। ତେବେ ପାରମ୍ପରିକ ଉପାୟରେ ଚକିରେ ପେଶା ହୋଇ ପ୍ରସ୍ତୁତ ଅଟା ହିଁ ଉପଯୁକ୍ତ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏପରି ଭାବରେ ଚୁରା ହୋଇଥିବା ଅଟାରେ ଚୋପା ବା ଚୋକଡ଼ ଅଂଶ ରୁହେ, ଯାହା ଫାଇବରରେ ପରିପୂର୍ଣ୍ଣ। କିନ୍ତୁ ମେସିନ୍ ବା ମିଲ୍‌ରେ ଚୁରା ହୋଇଥିବା ଅଟାରେ ଗହମର ଉପର ଚୋପା ଅଂଶ ପୂର୍ଣ୍ଣ ଭାବେ ନଷ୍ଟ ହୋଇଥାଏ। ଫଳରେ ଅଟାରୁ କେବଳ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍ ହିଁ ମିଳିବ ଯାହା ପ୍ରାୟ ଭାତ ଖାଇବା ସହ ସମାନ। ଅଟାରେ ଥିବା ପ୍ରୋଟିନ୍ ମଧ୍ୟରୁ ଗ୍ଲୁଟେନ୍ ହେଉଛି ଆଠରୁ ଦଶ ପ୍ରତିଶତ। ଗ୍ଲୁଟେନ୍ ନଥିବା ଶସ୍ୟରେ ପାଣି ପକାଇଲେ ଏହା ଅଟା ପରି ଚକଟିହୁଏ ନାହିଁ। ଏହା ନିୟମିତ ସେବନ କରିବା ଦ୍ୱାରା ଆମର ୟୁରିକ୍ ଏସିଡ୍ ବଢ଼ିବାର ସମ୍ଭାବନା ଥାଏ। ରୁଟି ସେକିବା ବେଳେ ଏଥିରେ ଥିବା ପ୍ରୋଟିନ୍ ଓ ସୁଗାର ବା ଶର୍କରାର ପ୍ରତିକ୍ରିୟା ଫଳରେ ଅନେକ ଦରକାରୀ ପୋଷକ ତତ୍ତ୍ୱ ନଷ୍ଟ କରିଦିଏ। ଗହମକୁ ଭାଙ୍ଗି ତିଆରି ହେଉଥିବା ଦଲିଆ କିମ୍ବା ଗହମ ଛତୁଆ ପରି ଖାଦ୍ୟରେ ହିଁ ଗହମର ପୋଷକ ଉତ୍ତ୍ୱ କିଛି ପରିମାଣରେ ବରାବର ଥାଏ। ଏବେ ଜାଣିବା ଭାତର ପୋଷକ ତତ୍ତ୍ୱ କଣ ରହିଛି। ଆମେ ସାଧରଣତଃ ଦୁଇ ପ୍ରକାର ଭାତ ନିତିଦିନ ଖାଉ। ଅରୁଆ ଓ ଉଷୁନା। ଧାନକୁ ପ୍ରକ୍ରିୟାକରଣ କରାଯାଇ ସିଝାଇ ପ୍ରସ୍ତୁତ ହୁଏ ଉଷୁନା ଚାଉଳ ଏବଂ ଅରୁଆ ଚାଉଳ ସିଧାସଳଖ ଧାନ ଚୁରା ହୋଇ ଆସେ। ତେବେ ପ୍ରକୃତ ଅକାଣ୍ଡିଆ ଉଷୁନା ଚାଉଳ ଯାହା ଢ଼ିଙ୍କିରେ ଧାନ କୁଟି ଚାଉଳ ଉତ୍ପାଦନ କରାଯାଏ, ତାହା ହିଁ ଆମ ଶରୀର ପାଇଁ ଉପାଦେୟ ହୋଇଥାଏ। ଏବେ ଏହା ବଜାରରେ ବ୍ରାଉନ୍ ରାଇସ୍ ନାମରେ ଜଣାଶୁଣା। ଏଥିରେ ଥାୟାମିନ୍, ଫଲିକ୍ ଏସିଡ୍, ଶ୍ୱେତସାର ତଥା ପ୍ରୋଟିନ୍ ରହିବା ସହ ଫାଇବର ମଧ ଥାଏ। ଢିଙ୍କିରେ କୁଟା ଚାଉଳରେ ମିଲ୍ ପେଶା ଚାଉଳ ଅପେକ୍ଷା ୩/୪ଭାଗ ଅଧିକ ଭିଟାମିନ ଓ ମିନେରାଲସ୍ ଥାଏ।ମିଲ୍‌ରେ ପେଶାଯାଇ ପ୍ରସ୍ତୁତ ଚାଉଳରେ ଚାଉଳର ଭିଟାମିନ୍ ଅଂଶ ଓ ଫାଇବର୍ ଅଂଶ ନଷ୍ଟ ହୋଇଥାଏ। ଏପରିକି ମୁଢ଼ି ଓ ଚୁଡ଼ା ପ୍ରସ୍ତୁତି ସମୟରେ ମଧ ଚାଉଳର ଅନେକ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ନ୍ୟାୟପୂର୍ଣ୍ଣ ତ୍ୟାଗରୁ ମିଳେ ସୁଖ



### ଗଙ୍ଗାଧର ସାମଲ

ଆମେ ଅନେକ ଅନୁଭବ କରୁ ଯେ ଆମକୁ ନ୍ୟାୟ ମିଳିନାହିଁ । ଭଗବାନ ସ୍ୱୟଂ ନ୍ୟାୟର ପ୍ରତୀକ ଏବଂ ନ୍ୟାୟର ଅଧୀନ ମଧ୍ୟ । କର୍ମ ଜଞ୍ଜାଳର ଆହ୍ୱାନ ଭିତରେ ନ୍ୟାୟପୂର୍ଣ୍ଣ ତ୍ୟାଗ ଭିତରୁ ଯେ ଜଣକୁ ସୁଖ ସମ୍ଭବ ହୋଇପାରିଥାଏ ସେ ସମ୍ପର୍କରେ ଅନେକ ଦିନ ତଳୁ ପଢ଼ିଥିବା ଏକ ଆଧ୍ୟାତ୍ମିକ କଥାଟି ମୋର ମନେ ପଡୁଛି । ଏକଦା ଭଗବାନ ବୁଦ୍ଧଙ୍କ ନିକଟକୁ ସମ୍ରାଟ ଶ୍ରେଣିକ ଆସି କହିଲେ 'ପ୍ରଭୁ! ମୁଁ ଏକ ଗଭୀର ଚିନ୍ତାରେ ଅଛି । ଯାହାର ଉତ୍ତର ଆପଣଙ୍କ ବ୍ୟତୀତ ଅନ୍ୟ କେହି ଦେଇପାରିବେ ନାହିଁ ।' ବୁଦ୍ଧ କହିଲେ, 'ଠିକ୍ ଅଛି ପଚାର' । ସମ୍ରାଟ କହିଲେ, 'ଭଗବାନ ! ମୋ ରାଜକୁମାରଙ୍କ ପାଖରେ ସବୁକିଛି ଅଛି । ଧନ, ସମ୍ପତ୍ତି, ଐଶ୍ୱର୍ଯ୍ୟ ସାଙ୍ଗକୁ ବିଳାସପୂର୍ଣ୍ଣ ଜୀବନ । କିନ୍ତୁ ଏହାକୁ ନେଇ ସେମାନେ ପ୍ରସନ୍ନ ରହିପାରୁ ନାହାନ୍ତି । ମାତ୍ର ଆପଣଙ୍କ ପାଖରେ ଥିବା ଭିକ୍ଷୁମାନଙ୍କୁ ଯାହା ମିଳିଛି, ସେମାନେ ତାକୁ ଗ୍ରହଣ କରି କିପରି ଖୁସିରେ ରହିପାରୁଛନ୍ତି ?' ଭଗବାନ ବୁଦ୍ଧ ଉତ୍ତର ଦେଲେ, 'ପ୍ରସନ୍ନତାକୁ ଖୋଜିବାକୁ ହେଲେ ଅକିଞ୍ଚନ (ଯାହା ପାଖରେ କିଛି ନାହିଁ) ଠୁ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ି ଦେଇଛି । ସିଏ ହିଁ ପ୍ରସନ୍ନ ରହିପାରେ । ଭିକ୍ଷୁକ କେବେ ଖୁସି ରହିପାରେ ନାହିଁ । କାରଣ ସେ କିଛି ଛାଡ଼ି ନାହିଁ । ସେ ତ କେବଳ ଅଭାବରେ ଜୀବନ ନିର୍ବାହ କରୁଛି ।

ଅଭାବ ଜୀବନ ବିତାଉଥିବା ମଣିଷ କେବେ ପ୍ରସନ୍ନ ରହିପାରିବ ନାହିଁ । ତାକୁ ଚିନ୍ତା ସର୍ବଦା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁ ତ୍ୟାଗ କରେ, ସେ ହିଁ କେବଳ ପ୍ରସନ୍ନ ରହିପାରେ । ପ୍ରସନ୍ନ ରହିବାର ଦୁଇଟି କଥା ହେଉଛି; ଗୋଟିଏ ଛାଡ଼ିବା ଓ ଗୋଟିଏ ହରାଇବା । ଯାହାକୁ ପଦାର୍ଥ ପ୍ରାପ୍ତ ହୋଇନାହିଁ, ସେ ତ୍ୟାଗି ନୁହେଁ । ତ୍ୟାଗୀ ସେ ଯିଏ ନିଜର ସ୍ୱତନ୍ତ୍ର ମନରୁ ସବୁକିଛି ତ୍ୟାଗ କରେ । ସାଧନ, ସୁବିଧା ସମ୍ପନ୍ନ ବ୍ୟକ୍ତି ବି ପ୍ରସନ୍ନ ରହିପାରିବ ନାହିଁ । କାରଣ ତାକୁ ସର୍ବଦା ଟଙ୍କର ସୁରକ୍ଷା ଚିନ୍ତା ଘାରିଥାଏ । ସେ ସବୁବେଳେ ଭୟଭୀତ ରହିଥାଏ । ଅଭୟ ସେ ହୋଇଥାଏ, ଯିଏ ସ୍ୱଇଚ୍ଛାରେ ତ୍ୟାଗ କରେ । ଶ୍ରେଣିକଙ୍କୁ ନିଜ ପ୍ରଶ୍ନର ପ୍ରକୃତ ଉତ୍ତର ମିଳିଗଲା । ମହାତ୍ମା ବୁଦ୍ଧ ଜୀବନରେ ମଧ୍ୟମ ମାର୍ଗର ପକ୍ଷଧର ଥିଲେ । କିନ୍ତୁ ସେ ମଧ୍ୟ ବିଶ୍ୱାସ କରୁଥିଲେ ବିନା ତ୍ୟାଗରେ ବ୍ୟକ୍ତି ସୁଖରେ ରହିପାରିବ ନାହିଁ । ଯଦି ଅଭାବ ଅଛି ତେବେ ଚିନ୍ତା ଥାଏ । ଯଦି ଆବଶ୍ୟକଠୁ ଅଧିକ ଅଛି ତେବେ ସୁରକ୍ଷାର ଭୟ ଥାଏ । ତେଣୁ କିଛି ନରଖି ନ୍ୟାୟପୂର୍ଣ୍ଣ ଭାବେ ତ୍ୟାଗ କରିଥିବା ବ୍ୟକ୍ତି ସର୍ବଦା ସୁଖରେ ରହେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ:୯୪୩୭୨୨୬୬୪୭

# ଭରତ ବାଂଲାଦେଶ ସମ୍ପର୍କରେ ପ୍ରଶ୍ନଚିହ୍ନ

ବାଂଲାଦେଶରେ ଆୱାମୀ ଲିଗ୍ ବିରୋଧୀମାନଙ୍କର ଏକ ମିଶ୍ରିତ ଗୋଷ୍ଠୀ ଶେଖ୍ ହସିନା ସରକାରଙ୍କ ପତନ ଘଟାଇ ତାଙ୍କୁ ଦେଶ ଛାଡ଼ି ଭାରତରେ ଶରଣ ନେବାକୁ ବାଧ କରିବା ପରଠାରୁ ଭାରତ ସହିତ ଏହି ଦେଶର ସମ୍ପର୍କ ଖରାପ ହୋଇଛି । ସମ୍ପ୍ରତି ଢାକାରେ ପ୍ରତିଷ୍ଠିତ ନୂଆ ସରକାର ପ୍ରତି ଦିଲ୍ଲୀ ଉତ୍ତେଜିତ ହୋଇ ରହି ଆସୁଛି, କାରଣ ସେଠାକାର ସରକାର ସେହି ଦେଶରେ ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ହିଂସ୍ର ଜନତାଙ୍କ ଆକ୍ରମଣକୁ ପ୍ରତିରୋଧ କରିବାରେ ଅସମର୍ଥ ହେବା ସଙ୍ଗେ ସଙ୍ଗେ ଭାରତ-ବିରୋଧୀ କାର୍ଯ୍ୟକଳାପକୁ ପରୋକ୍ଷରେ ପ୍ରୋତ୍ସାହିତ କରି ଆସୁଛି । ପୁନଶ୍ଚ, ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କର ପାକିସ୍ତାନ ଏବଂ ଚୀନ୍ ସହିତ ସମ୍ପର୍କ ଏବଂ ଶେଖ୍ ମୁଜିବ୍‌ଙ୍କ ସ୍ମାରକୀକୁ ଧ୍ୱଂସ କରିବା ନିମନ୍ତେ ଏହାଙ୍କର ସମର୍ଥନ ସହିତ ୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତର ଭୂମିକାକୁ ଗୌଣ କରିବାର ହୀନ ଉଦ୍ୟମ ଭାରତକୁ ଏହି ଦେଶ ପ୍ରତି ବିତୃଷ୍ଣ । ହେବାକୁ ଉତ୍ସାହିତ କରିଛି । ଏହି ପୃଷ୍ଠଭୂମିରେ ସମ୍ପ୍ରତି ଚୀନ୍ ଗସ୍ତରେ ଯାଇ ୟୁନୁସ୍ ଦେଇଥିବା ବିବୃତିଗୁଡ଼ିକ ଭାରତ-ବାଂଲାଦେଶ ସମ୍ପର୍କକୁ ଆହୁରି ନିମ୍ନଗାମୀ କରାଇବାର ସମସ୍ତ ସମ୍ଭାବନା ବହନ କରି ଆଣିଛି । ଚୀନ୍‌ରେ ଅନୁଷ୍ଠିତ ବୋଆଓ ଫୋରମ୍ ଫର୍ ଏସିଆ କନ୍‌ଫରେନ୍ସରେ ଯୋଗ ଦେବା ନିମନ୍ତେ ଯାଇଥିବା ୟୁନୁସ୍ ସେଠାରେ ଭାରତ ସମ୍ପର୍କରେ ଯେଉଁସବୁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ସେସବୁ ପଛରେ ରହିଥିବା ଉଦ୍ଦେଶ୍ୟ ଭାରତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏକ ଗୋଲଟେବୁଲ ବୈଠକରେ ନିଜର ବିବୃତି ଉପସ୍ଥାପନ କରିବାକୁ ଯାଇ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ରାଜ୍ୟମାନଙ୍କୁ- 'ସାତ ଭଉଣୀର ରାଜ୍ୟ'କୁ ଉପଲକ୍ଷ୍ୟ କରି ୟୁନୁସ୍ ସେହିସବୁ ଅଞ୍ଚଳରେ ସଂଯୋଗ ଏବଂ ବ୍ୟବସାୟ ବାଣିଜ୍ୟର ଅଭାବ ଉପରେ ଆଲୋକପାତ କରିଥିଲେ ଏବଂ ସେଗୁଡ଼ିକୁ ଏକ 'ଭୂଭାଗ ପରିବେଷ୍ଟିତ ଆବଦ୍ଧ' ଅଞ୍ଚଳ ବୋଲି ଉଲ୍ଲେଖ କରିଥିଲେ । ଭାରତର ବିଶାଳ ତଟରେଖାକୁ ହେୟଜ୍ଞାନ କରିବା ଛଳରେ ସେ ବାଂଲାଦେଶକୁ 'ମହାସାଗର ପହଞ୍ଚର ଅଭିଭାବକ' ବୋଲି କହିବା ସଙ୍ଗେ ସଙ୍ଗେ ଭୂଟାନ୍, ନେପାଳ ଏବଂ ବାଂଲାଦେଶ ସହିତ ଭାରତୀୟ ରାଜ୍ୟ ମାନଙ୍କୁ ଏକ ବଜାର ଓ ଉତ୍ପାଦନର ଭିତ୍ତି ଭାବରେ ଉପସ୍ଥାପନ କରି 'ଚୀନୀୟ ଅର୍ଥନୀତିର ଏକ ସମ୍ପ୍ରସାରଣ' ଭାବରେ ଦେଖିବାକୁ ଚୀନ୍‌କୁ ଆହ୍ୱାନ ଦେଇଛନ୍ତି । ତାଙ୍କ ମନ୍ତବ୍ୟଗୁଡ଼ିକ ପଛରେ ଆହୁରି ମଧ୍ୟ ଅନେକ କଥା ରହିଛି ଯେଉଁଗୁଡ଼ିକ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକରେ ସେୟାର କରାଯାଇଛି । ବାଂଲାଦେଶ ସରକାରର ମୁଖ୍ୟ ପରାମର୍ଶଦାତା ହେବା ପରେ ଭାରତ ପକ୍ଷରୁ ଗସ୍ତରେ ଆସିବାକୁ କୌଣସି ନିମନ୍ତ୍ରଣ ନ ମିଳିବାର ସମ୍ଭାବନା ଦେଖି ମହମ୍ମଦ ୟୁନୁସ୍‌ଙ୍କର ଚୀନ୍ ଗସ୍ତରେ ଯିବା ନିଷ୍ପତ୍ତିକୁ ଏକ କୂଟନୀତିକ ବଦମାସୀ ଭାବରେ ଦେଖା ଯାଉଛି ; ସଙ୍ଗେ ସଙ୍ଗେ ବାଂଲାଦେଶର ବିଦେଶ ନୀତିରେ ମଧ୍ୟ ପରିବର୍ତ୍ତନ କରିବା ତାଙ୍କର ଉଦ୍ଦେଶ୍ୟ ବୋଲି କଳ୍ପନା କରାଯାଉଛି । ବେଜିଂରେ ସେ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିଛନ୍ତି ଏବଂ ଦୁଇ ନେତା ଅନେକ ପ୍ରକାରର ରାଜିନାମାରେ ସ୍ୱାକ୍ଷର କରିଛନ୍ତି । ଭିତ୍ତିଭୂମି ବିକାଶ ଏବଂ ଜଳ ସଂରକ୍ଷଣ ଭଳି କେତେକ କ୍ଷେତ୍ରରେ ଶ୍ରୀଯୁକ୍ତ ଜିନ୍‌ପିଙ୍ଗ୍ ବାଂଲାଦେଶକୁ ଆର୍ଥିକ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିବା ବେଳେ ୟୁନୁସ୍ ନିଜ ତରଫରୁ ଚୀନ୍‌କୁ ତାଙ୍କ ଦେଶରେ ପୁଞ୍ଜିନିବେଶ କରିବାର ପ୍ରସ୍ତାବ ଦେଇଛନ୍ତି । ତେବେ ଭାରତ ସମ୍ପର୍କରେ ତାଙ୍କର ମନ୍ତବ୍ୟକୁ ନେଇ ଭାରତର ବର୍ହିବ୍ୟାପାର ମନ୍ତ୍ରଣାଳୟ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଥିବା ବେଳେ ଭାରତୀୟ ରାଜନେତାମାନେ କିନ୍ତୁ ନିରବ ରହିବାକୁ ଶ୍ରେୟ ମଣି ନାହାନ୍ତି । ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ୟୁନୁସ୍‌ଙ୍କ ମନ୍ତବ୍ୟଗୁଡ଼ିକୁ 'ଅପମାନଜନକ ଏବଂ ତୀବ୍ର ନିନ୍ଦନୀୟ' ବୋଲି କହିବା ସଙ୍ଗେ ସଙ୍ଗେ 'କୁକୁଡ଼ା ବେକ' (ଚିକେନ୍ ନେକ) ଭାବରେ ପରିଚିତ ଅଞ୍ଚଳଗୁଡ଼ିକ ପ୍ରତି ଭାରତର ରହିଥିବା ସମ୍ବେଦନଶୀଳତା ଉପରେ ଏକ ଆଘାତ ବୋଲି ଦର୍ଶାଇଛନ୍ତି । ଆଉ କେତେଜଣ ଆଞ୍ଚଳିକ ନେତାଙ୍କ ସମେତ ବିରୋଧୀ ଦଳମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ଭାରତର ଅସନ୍ତୋଷକୁ ଢାକାକୁ ଜଣାଇ ଦେବାକୁ । ସେମାନେ କହିଛନ୍ତି ଯେ ୟୁନୁସ୍ କେଉଁ ସମୟରେ ଏଭଳି କଥା କହୁଛନ୍ତି ଏବଂ କେଉଁ ସ୍ଥାନରେ କାହା ସମ୍ପର୍କରେ କହୁଛନ୍ତି, ସେ ସମ୍ପର୍କରେ ଆଦୌ ଅଜ୍ଞ ନୁହନ୍ତି । ସେ ଜାଣି ରଖିବା ଉଚିତ ଯେ ଏହା ଅଯଥା ବିବାଦକୁ ଉସୁକାଇପାରେ । ଚୀନ୍‌ର କୃପାପାତ୍ର ହେବା ପାଇଁ ତାଙ୍କର ଏଭଳି କହିବା ଆଦୌ ଶୋଭନୀୟ ନୁହେଁ । ଏହାକୁ ତାଙ୍କର ବିଜ୍ଞତା ନୁହେଁ, ବରଂ ଅଜ୍ଞତାର ପରିଚାୟକ ବୋଲି କୁହାଯାଇପାରେ । ବାଂଲା ଅନ୍ତରୀଣ ସରକାରଙ୍କର ମୁଖ୍ୟ ପରାମର୍ଶଦାତା ଭାବରେ ୟୁନୁସ୍ ଚୀନ୍ ଆଗରେ ଅଭାବର ବିଳାପ କରିବା ଭାରତ ପାଇଁ ଆଦୌ ସହଣୀୟ ନୁହେଁ । ଐତିହାସିକ ଭାବରେ ଭାରତର ଉତ୍ତରପୂର୍ବରେ ଚୀନ୍ ଏକ ଶିକାରୀ ଶକ୍ତି ଭାବରେ କାର୍ଯ୍ୟ କରି ଆସିଛି । ଏହାର ସେନାବାହିନୀ ୧୯୬୨ ଯୁଦ୍ଧ ସମୟରେ ଭାରତୀୟ ପୋଷ୍ଟଗୁଡ଼ିକୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ଆସାମରେ ପ୍ରବେଶ କରି ଯାଇଥିଲେ । ଏହା ମଧ୍ୟ ଆସାମ ଏବଂ ନାଗାଲ୍ୟାଣ୍ଡରେ ସଶସ୍ତ୍ର ଅନୁପ୍ରବେଶକୁ ସହାୟତା ଯୋଗାଇବା ସହିତ ଅରୁଣାଚଳ ପ୍ରଦେଶରେ ଭାରତୀୟ ସୀମାକୁ ନିଜର ବୋଲି ଦାବି କରି ଆସୁଛି । ତେଣୁ ଏହି ଅଞ୍ଚଳ 'ଚୀନୀୟ ଅର୍ଥନୀତିର ଏକ ସମ୍ପ୍ରସାରଣ' ହୋଇ ପାରିବ ବୋଲି ୟୁନୁସ୍ ଯେଉଁ ଔଦ୍ଧତ୍ୟପୂର୍ଣ୍ଣ ବିବୃତି ଦେଇଛନ୍ତି, ତାକୁ ସମ୍ପୃକ୍ତ ଅଞ୍ଚଳର ଜଟିଳ ଇତିହାସ ଏବଂ ଜନସଂଖ୍ୟାକ ଚିନ୍ତାଗୁଡ଼ିକ ସମ୍ପର୍କରେ ତାଙ୍କ ଅଜ୍ଞତାର ପ୍ରମାଣ ଭାବରେ ଅଣଦେଖା କରାଯାଇପାରେ । ଆଉ ଯଦି ଏହା ଚୀନ୍‌କୁ ଭାରତ ବିରୋଧରେ ଉସୁକାଇବା ନିମନ୍ତେ ଅଭିପ୍ରେତ ହୋଇଥାଏ, ତା'ହେଲେ ଭାରତ-ବାଂଲାଦେଶ ସମ୍ପର୍କ ପାଇଁ ଏହା ସମ୍ପୂର୍ଣ୍ଣ ଭାବରେ ଏକ ଅଶୁଭ ସୂଚନା ବୋଲି ଗ୍ରହଣ କରାଯାଇପାରେ ।

# ଅଟିଜିମ୍ ସଚେ଼ତନତା ଦିବସ



### ବିଶ୍ୱବିଜୟୀ ଦାଶ

ଅଟିଜିମ୍ (Autism) ଏକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ କରିବାରେ ସମସ୍ୟା ଦେଖାଯାଏ ଓ ସୀମିତ ତଥା ପୁନଃପୌନିକ ବ୍ୟବହାର ଦେଖାଯାଏ । ଶିଶୁର ପ୍ରଥମ ଦୁଇ ବା ତିନି ବର୍ଷ ମଧ୍ୟରେ ରୋଗ ଲକ୍ଷଣ ଲକ୍ଷ କରିପାରନ୍ତି । ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ । ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ୱଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ ।୧ରୁ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ ରୁହନ୍ତି କିମ୍ବା କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି ।"

ଅଟିଜିମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ ।ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ ଭାବର ଆଦାନପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ ।

ଅଟିଜିମ୍ ରୋଗ ବିଭିନ୍ନ କାରଣରୁ ହୋଇପାରେ । ଜିନ୍‌ଗତ ପାରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ । ପିଲା ଜନ୍ମ ପୂର୍ବରୁ ଓ ଜନ୍ମ ସମୟରେ ଘଟିଥିବା କେତେକ ସମସ୍ୟା ଏଥିପାଇଁ ଦାୟୀ ହୋଇପାରେ ।ଗର୍ଭଧାରଣ ସମୟରେ ମାତାପିତାଙ୍କ ବୟସ ଅଧିକ ହୋଇଥିଲେ, ଗର୍ଭଧାରଣ ସମୟରେ ମାଆର ଶାରୀରିକ ଅସୁସ୍ଥତା, ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲାର ଜନ୍ମ ସମୟରେ ଓଜନ କମ୍ ହେବା ଓ ଜନ୍ମ ପରେ ପିଲା ଡେରିରେ କାନ୍ଦିବା ଆଦି କାରଣ ଯୋଗୁ ଅଟିଜିମ୍ ରୋଗ ହୋଇପାରେ ।

ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ଯାହା ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି । କେତେକ ପିଲା ନିଜକୁ କ୍ଷତି କଲା ଭଳି ବ୍ୟବହାର ଯଥା ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି ।

ଏହି ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ । ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ । କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦ ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଉକ୍ତ ରୋଗରେ ପିଲାମାନେ କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି ।ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଆଦି । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳନା ସହ ଖେଳି ନ ଥାନ୍ତି । ଘରକରଣା ଜିନିଷ ଯଥା ସାବୁନ, ଦଉଡ଼ି ଓ ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରି ଥାନ୍ତି । ଅନ୍ୟ ପିଲାମାନଙ୍କ ସହ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି । ଏହି ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କ ଠାରେ ନିମ୍ନଲିଖିତ କୌଣସି ଲକ୍ଷଣ ଦେଖାଗଲେ ଅଟିଜମ୍‌ର ସନ୍ଦେହ ସୃଷ୍ଟି ହୋଇଥାଏ ।

୧)୧୨ ମାସ ବୟସ ସୁଦ୍ଧା ପିଲା କୌଣସି ଅସ୍ୱଷ୍ଟ ଶବ୍ଦ ସୃଷ୍ଟି କରି ନ ପାରିବା ।

୨)୧୨ମାସ ବୟସ ସୁଦ୍ଧା ଆଙ୍ଗୁଠି ଦେଖାଇ ନ ପାରିବା କିମ୍ବା କୌଣସି ଅଙ୍ଗଭଙ୍ଗୀ ଦେଖାଇ ନ ପାରିବା ।

୩) ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହି ନ ପାରିବା ।

୪) ୨୪ ମାସ ବୟସ ସୁଦ୍ଧା ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟ କହି ନ ପାରିବା ।

ଅଟିଜିମ୍‌ରେ ଆକ୍ରାନ୍ତ ପିଲାମାନଙ୍କ ଠାରେ ନାନା ପ୍ରକାର ଶାରୀରିକ ସମସ୍ୟା ଯଥା ଅପସ୍ମାର ବାତ ବିଭିନ୍ନ ପେଟଜନିତ ସମସ୍ୟା ଏବଂ କେତେକ ନିର୍ଦ୍ଦିଷ୍ଟ ଜିନ୍ ?ଗତ ରୋଗ ଆଦି ଦେଖାଯାଇଥାଏ ।

ଏଥିସହ ଅନ୍ୟ କେତେକ ମାନସିକ ସମସ୍ୟା ଯଥା: ଚଞ୍ଚଳାମି ରୋଗ (ଏଡିଏଚ୍‌ଡି) ମାନସିକ ଉଦ୍‌ବେଗ ରୋଗ, ଅବସାଦ ରୋଗ ଓ ନିଦ୍ରାହୀନତା ଆଦି ମଧ୍ୟ ଦେଖାଯାଇ ଥାଏ ।ଏହି ରୋଗରେ ଅନେକ ପିଲାଙ୍କର ବୃଦ୍ଧିର ଠିକ୍ ବିକାଶ ହୋଇ ନ ଥାଏ ।

ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ ।ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନ୍‌ସୋରି ଇଣ୍ଟିଗ୍ରେସନ ଥେରାପି ଓ ସ୍ପିଚ୍ ଥେରାପି)ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ । ଅଭିଭାବକମାନେ ଡାକ୍ତରଙ୍କଠାରୁ ସମସ୍ତ ବ୍ୟବହାରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ଜାଣିରଖିବା ଉଚିତ । ପିଲା ସହ ଏହି ଚିକିତ୍ସା ପଦ୍ଧତି ଅନୁସାରେ ବ୍ୟବହାର କଲେ ତା'ର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ ।ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ । ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ ।ଅଟିଜିମ୍ ସହ ଦେଖା ଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ମଧ୍ୟ ଉପଯୁକ୍ତ ଚିକିତ୍ସା ଜରୁରୀ । ଅଭିଭାବକମାନେ ଧୈର୍ଯ୍ୟର ସହିତ ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖା ଯାଇଥାଏ ।

ଅଟିଷ୍ଟିକ୍ ଆକ୍ରାନ୍ତ ଶିଶୁ ଅତି ସବଳ ନହେଲେ ମଧ୍ୟ ଦୁର୍ବଳ ହୁଏ ନାହିଁ । ତେଣୁ ଏମାନଙ୍କର ଚିକିତ୍ସାର ଆବଶ୍ୟକତା ପଡେ ।ଯଥା: କଥୋପକଥନ,ଶାରିରୀକ ବ୍ୟାୟାମ , ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା, ଖେଳ ମାଧ୍ୟମରେ କିଛି ମାତ୍ରାରେ ସୁଧାର ଆସିପାରେ । ଏହି ପିଲାମାନଙ୍କୁ ବୁଝିବା ଏବଂ ବୁଝାଇବା ତଥା ଶିକ୍ଷା ଦେବାପାଇଁ ଅସୀମ ଧୈର୍ଯ୍ୟ, ସ୍ନେହ ଆଦର ର ଆବଶ୍ୟକତା ରହିଥାଏ ।ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ/ ଥେରାପିଷ୍ଟ/ ଅଭିଜ୍ଞ ଡାକ୍ତରୀ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଦ୍ୱାରା ଚିକିତ୍ସା କଲେ, ଉପକାର ମିଳିବାର ସମ୍ଭାବନା ଅଧିକ । ଏଥିପାଇଁ ବାପା, ମାଆ, ପରିବାରର ଲୋକ, ସାହିପଡ଼ୋଶୀ ପିଲାଟିର ସମବୟସ୍କ ଅନ୍ୟ ସାଧାରଣ ଶିଶୁ ତଥା ସମାଜର ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

ଅଟିଜିମ୍ ଆକ୍ରାନ୍ତ ପିଲାଙ୍କୁ ଭଲ କରିବାରେ ପିତାମାତା, ମନୋସ୍ତତ୍ତ୍ୱବିଦ୍, ଥେରାପିଷ୍ଟ ଓ ଦକ୍ଷ ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିଲାଟି ଏକ ମୁହୂର୍ତ୍ତରେ କ'ଣ କରୁଛି ତାଙ୍କୁ ବିଚାରକୁ ନେଇ ଆନୁସଙ୍ଗିକ ସୁବିଧା ଯୋଗାଇବା ଦରକାର । ଅଟିଜିମ୍ ଏକ ରୋଗ ଅସୁସ୍ଥତା ଅଂଶଭୁକ୍ତ ବୋଲି ଭାବିବା ଠିକ୍ ହେବନି, ବରଂ ଏହା ଏକ ଭିନ୍ନ ଧରଣର ବ୍ୟବହାର ବୋଲି ଧରି ସୁଧାର ଆଣିବାକୁ ଚେଷ୍ଟିତ ହେଲେ, ଅଟିଷ୍ଟିକ୍ ଶିଶୁଟି ସମାଜର ମୁଖ୍ୟ ସ୍ରୋତକୁ ଫେରିବାର ସମ୍ଭାବନା ରହିଛି ।ଏହି ପରିପ୍ରେକ୍ଷୀରେ ସଚେତନତା ନିମନ୍ତେ ପ୍ରତିବର୍ଷ ଅପ୍ରେଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବରେ ପାଳନ କରାଯାଉଛି ।

ଅଟିଜିମ ଏକ ଭିନ୍ନତା ହୋଇପାରେ, ଏହା ଆମ ସାମଜ ପାଇଁ ବୋଝ ନୁହେଁ । ତେଣୁ ଏ ସମ୍ପର୍କରେ ଲୋକମାନଙ୍କ ଭିତରେ ଅଧିକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଅଭିଭାବକ, ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଏ ଦିଗରେ ଆଗେଇ ଆସିବା ଜରୁରୀ । ଅଟିଜିମ ପୀଡ଼ିତଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କୁ ଉଚିତ ସମ୍ମାନ ଦେବା ଲାଗି ସମସ୍ତେ ମିଳିତ ଭାବେ କାମ କରିବା ଦରକାର ବୋଲି ଆଜିର ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ ।

# ରୁକୁଣା ଯାତ୍ରା ଓ ଏହାର କିମ୍ବଦନ୍ତୀ



### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଐତିହାସିକଙ୍କ ମତରେ ଏହି ଯାତ୍ରା ୧୦ତମ ଶତାବ୍ଦୀର । ତେବେ ପୌରାଣିକ ତଥ୍ୟ ଅନୁସାରେ ଏହା ଉପରେ କିଛି ନିର୍ଦ୍ଦିଷ୍ଟ ମତ ନାହିଁ । ଐତିହାସିକ ତଥା ଗବେଷକଙ୍କ ମତରେ ଶୈବକ୍ଷେତ୍ର ହେବା ପୂର୍ବରୁ ଏହା ବୌଦ୍ଧ ରଥଯାତ୍ରା ଥିଲା । ପରେ ଏହା ଶୈବ ରଥଯାତ୍ରା ହେଲା । ଏଥିପାଇଁ ଅନେକ ବିରୋଧ ମଧ୍ୟ ହୋଇଥିଲା । ପରେ ଗବେଷକମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କଲେ । କାଶୀରେ ଶୈବମାନଙ୍କ ଉପରେ ବୌଦ୍ଧମାନେ ଅତ୍ୟାଚାର କରିବାରୁ ସେମାନେ ଅନ୍ୟତ୍ର କାଶୀସ୍ୱରୂପ ଶୈବକ୍ଷେତ୍ର ପ୍ରତିଷ୍ଠା ସନ୍ଧାନରେ ଥିଲେ । ସେହି ସମୟରେ ଏଠାରେ ମଧ୍ୟ ବୌଦ୍ଧ ଥିଲେ । ଲକୁଳୀଶ ପନ୍ଥୀ ଶୈବମାନେ ଏଠାରେ ଆସି ଶୈବକ୍ଷେତ୍ର ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ । ଯାହାକୁ ସ୍ଥାନୀୟ ବୌଦ୍ଧମାନେ ପ୍ରତିରୋଧ କଲେ । ଏହାକୁ ନେଇ ଶୈବମାନଙ୍କ ସହ ତାଙ୍କର ବିବାଦ ଦେଖାଦେଲା । ଯାହା ପରବର୍ତ୍ତୀ ସମୟରେ ଯୁଦ୍ଧରେ ପରିଣତ ହୋଇଥିଲା । କାଶୀର ଅଶାନ୍ତ ବାତାବରଣରେ କ୍ଷୁବ୍ଧ ହୋଇ ଶିବ ଏକାମ୍ର କ୍ଷେତ୍ର ଚାଲି ଆସିଥିଲେ । ଏଠାରେ ଥିବା ଅସୁରମାନଙ୍କୁ ନିପାତ କଲେ । ସେହି ସମୟରେ ବେଦ ବରୋଧିଙ୍କୁ ଅଶୁର କୁହାଯାଉଥିଲା । ବୌଦ୍ଧମାନଙ୍କୁ ଏହା ସଙ୍କେତ କରୁଥିଲା । ଏହି ଯୁଦ୍ଧର ଫଳ ସ୍ୱରୂପ ଏଠାକାର ସମସ୍ତ ବୌଦ୍ଧଙ୍କୁ ନିପାତ ଓ ବିତାଡ଼ିତ କରାଗଲା । ଯେଉଁ ବୌଦ୍ଧମାନେ ବଶତା ସ୍ୱୀକାର କଲେ ସେମାନଙ୍କୁ ଅସ୍ପୃଶ୍ୟ ଓ ଶୁଦ୍ର ଭାବେ ସ୍ଥାନ ଦିଆଗଲା । ଅଶୋକାଷ୍ଟମୀର ଏହି ରଥଯାତ୍ରା ଏହି ବିଜୟର ସ୍ମାରକୀ ବୋଲି କିଛି ଆଲେଖ୍ୟ ସୂଚନା ଦେଇଛନ୍ତି ଗବେଷକ ଭାଗୀରଥି ମହାସୁଆର । ରାମେଶ୍ୱରମନ୍ଦିର ପାଖ ପଡ଼ିଆକୁ ବିଜୟ ପଡ଼ିଆ ବୋଲି କୁହାଯାଏ । ସେହିଦିନ ଠାରୁ ଏହି ରୁକୁଣାରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଶ୍ରୀଲିଙ୍ଗରାଜ ମନ୍ଦିରରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏହି ରଥ ଟଣାଯାଏ । ମଝି ରାସ୍ତାରେ ଅସୁର କିଆରିରେ ଅସୁରମାନଙ୍କୁ ଭୋଗ ଦିଆଯାଏ । ଏହା ରାସ୍ତା ଅବରୋଧକାରୀ ବୌଦ୍ଧ ମାନଙ୍କୁ ସନ୍ତୁଷ୍ଟୀକରଣ ପାଇଁ କରାଯାଇଥିବା ଅନୁମାନ କରାଯାଉଛି ।

**ମରୀଚି କୁଣ୍ଡର କାହାଣୀ :** ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା କଥା ପଡ଼ିଲେ ମରୀଚିକୁଣ୍ଡ କଥା ଆସେ । କାରଣ ଏହି କୁଣ୍ଡ ପାଣିରେ ରଥର ଅନୁକୂଳ କରାଯାଏ । ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇବା ଦ୍ୱାରା ନିଃସନ୍ତାନ ନଥିବା ମହିଳାମାନେ ସନ୍ତାନପ୍ରାପ୍ତି ହୁଅନ୍ତି । ମୁକ୍ତେଶ୍ୱର ମନ୍ଦିର ଭିତରେ ଏହି କୁଣ୍ଡ ରହିଛି । ଯାହା ରଥଯାତ୍ରା ପୂର୍ବଦିନ ମଧ୍ୟରାତ୍ରିରେ ଖୋଲାଯିବ । ଇତିହାସକୁ ଦେଖିଲେ ରାମାୟଣରେ ରାମ, ସୁବାହୁ ଓ ମାରୀଚ ନାମକ ଦୁଇଜଣ ଅସୁରଙ୍କୁ ମାରିଥିଲେ । ଯେଉଁଠାରୁ ଏହି ମରୀଚିକୁଣ୍ଡ ସୃଷ୍ଟି ହୋଇଛି । ଅପରପକ୍ଷରେ ଐତିହାସିକଙ୍କ ମତରେ ମୁକ୍ତେଶ୍ୱର ମନ୍ଦିର ପୂର୍ବରୁ ଏଠାରେ ମରୀଚି କୁଣ୍ଡ ରହିଥିଲା । ରଥ ଅନୁକୂଳ ସହ ଶୈବ କ୍ଷେତ୍ରରେ ମନ୍ଦିର ନିର୍ମାଣ କାମରେ ଏହି ପାଣି ବ୍ୟବହାର ହୋଇଛି । ଏହି କୁଣ୍ଡ ଜଳରେ ଗାଧୋଇବା ଦ୍ୱାରା ସନ୍ତାନପ୍ରାପ୍ତ ହୁଏ ବୋଲି ଲୋକକଥା ରହିଛି । ବାଞ୍ଝାର ପ୍ରତିଶବ୍ଦ ହେଉଛି ମଡ଼ିଛି । ଯେହେତୁ ନିଃସନ୍ତାନ ମହିଳାମାନେ ଏହି ପାଣିରେ ଗାଧୋଇବା ଦ୍ୱାରା ସେମାନଙ୍କର ସନ୍ତାନପ୍ରାପ୍ତ ହୁଏ ତେଣୁ ପରବର୍ତ୍ତୀ ସମୟରେ ମଡ଼ିଛିର ରୂପାନ୍ତରିତ ହୋଇ ମରିଚି କୁଣ୍ଡ ହୋଇଛି ବୋଲି ଗବେଷକଙ୍କ ମତ ।

**ମାଉସୀମା ମନ୍ଦିର :** ଏହି ରୁକୁଣାରଥ ଯାତ୍ରାରେ ଶ୍ରୀଲିଙ୍ଗରାଜ ମାଉସୀମା ମନ୍ଦିରକୁ ଯାଆନ୍ତି । କିନ୍ତୁ ପୁରାଣରେ ଏହାର ବଳିଷ୍ଠ ପ୍ରମାଣ ନଥିବା ଗବେଷକମାନେ କହିଛନ୍ତି । ଯେଉଁ ମାଉସୀମା ମନ୍ଦିରକୁ ମହାଦେବ ଯାଆନ୍ତି ତାହା ରାମେଶ୍ୱର କ୍ଷେତ୍ର । ମାଉସୀମା ମନ୍ଦିର ଏକ ମନଗଢ଼ା କାହାଣୀ ବୋଲି ଗବେଷକମାନେ କହିଛନ୍ତି । ବଙ୍ଗୀୟ ଲୋକକଥାରୁ ଏହା ଉଦ୍ଧୃତ କରାଯାଇଛି । ରାମେଶ୍ୱର ମନ୍ଦିର ବା ରାମେଶ୍ୱର କ୍ଷେତ୍ରରେ ଲକ୍ଷ୍ମଣେଶ୍ୱର ମନ୍ଦିର,



ଭରତେଶ୍ୱର ମନ୍ଦିର, ଲବ ମନ୍ଦିର ଓ କୁଶ ମନ୍ଦିର ରହିଛି । ସେହିପରି ଏଠାରେ ଯେଉଁ ପୁଷ୍କରିଣୀ ରହିଛି ତାହାର ବାସ୍ତବ ନାମ ରାମକୁଣ୍ଡ ଅଟେ । ଏହାକୁ ପରବର୍ତ୍ତୀ ସମୟରେ ଅଶୋକଙ୍କ ଅନୁଗତ ବୌଦ୍ଧମାନେ ଅଶୋକାକୁଣ୍ଡ କହୁଥିଲେ । ଏହାପରେ ହିନ୍ଦୁମାନେ ରାମାୟଣକୁ ଆଧାର କରି ଏହାକୁ ଅଶୋକାକୁଣ୍ଡ କରିଥିଲେ ।

**ରୁକୁଣାରଥରେ ବିଜେପ୍ରତିମା :** ଶ୍ରୀଲିଙ୍ଗରାଜ ଲିଙ୍ଗ ସ୍ଥାନାନ୍ତରିତ ହେବା ଅସମ୍ଭବ । ତେଣୁ ତାଙ୍କର ଚଳନ୍ତି ପ୍ରତିମା ବା ଯାହାକୁ ବିଜେପ୍ରତିମା କୁହାଯାଏ ସିଏ ଏହି ରଥରେ ଆସିଥାନ୍ତି । ଶ୍ରୀଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଏହି ରଥରେ ଯାତ୍ରା କରନ୍ତି । ତାଙ୍କ ରୁକ୍ମିଣୀ ବା ଦୁର୍ଗା ଓ ଦୋଳଗୋବିନ୍ଦ ବା ବିଷ୍ଣୁ ଏହି ରଥରେ ବିରାଜମାନ କରନ୍ତି ।

**ରୁକୁଣାରଥର କାରୁକାର୍ଯ୍ୟ :** ପୌରାଣିକ ପ୍ରଥା ଅନୁସାରେ ମାଉସୀମା ମନ୍ଦିର କୁହାଯାଉଥିବା ରାମେଶ୍ୱର ମନ୍ଦିରର ଉଚ୍ଚତା ସହ ରୁକୁଣା ରଥର ଉଚ୍ଚତା ସମାନ । ଆହୁରି ମଧ୍ୟ ରାମେଶ୍ୱର ମନ୍ଦିର ଉଚ୍ଚତାର ମାପ ନିଆଯାଇ ରୁକୁଣାରଥ ନିର୍ମାଣ କରାଯାଏ ବୋଲି ବିଶ୍ୱାସ ରହିଛି । ରଥର ଉଚ୍ଚତା ୪୫ ଫୁଟ ହୋଇଥିବାବେଳେ ଚଉଡା ୨୭ ଫୁଟ ଓ ଲମ୍ବା ୨୬ ଫୁଟ ରହିଥାଏ । ସେହିପରି ରଥରେ ୪ଟି ଚକା ଲାଗେ । ଯାହାର ଉଚ୍ଚତା ୮ଫୁଟ । ରଥରେ୪ଟି ଘୋଡ଼ା ରହିଥିବାବେଳେ ଏହାର ରଙ୍ଗ ଧଳା ଓ କସରା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ :
୯୪୩୭୦୩୧୨୫୩

## କବିତା କୋଣାର୍କ

### ପ୍ରେମିକା

**ସିଦ୍ଧେଶ୍ୱର ତ୍ରିପାଠୀ**

ସେ କାଲିବି ମୋତେ ଭଲ ଲାଗୁଥିଲା
ଆଜିବି ଭଲ ଲାଗେ
ଏମିତି ଭଲ ଲାଗୁଥିବ
ମୋ ଦେହରେ
ଏଇ ଜୀବନ ଟା ଥିବାଯାଏ ।
ମୁଁ କେବେ ତାକୁ ତଉଲି ପାରିନି
ଜାତି ଜାତକରେ
ପାଠରେ ଧନ ରେ
ଅବା କେବେ ରୂପରେ ରଙ୍ଗରେ ।
ଯୋଗ୍ୟକି ଅଯୋଗ୍ୟ
ମୁଁ ଅବା ସିଏ
ବୁଝିନାହିଁ ଭାଗ୍ୟ ଭଗବାନ
ମୁ କିନ୍ତୁ ତାକୁ ଭଲପାଏ ।
ଝୁରି ହୁଏ ତା ମିଠା କଥା
ମଧୁର ଗୀତକୁ
ପ୍ରୀତି କବିତାକୁ ସେଇ ଶେଷ ଚିଠି ଆଉ
ଚିଠି ଶେଷେ ସୁନ୍ଦର ଚିତ୍ରକୁ ।
ସାଇତି ମୁଁ ରଖିଥାଏ
ଟିକିନିକି ତାର ଯେତେ
ସବୁ ଉପହାର
ସେଥିରେତ ମଖା ଥାଏ
ତାର ମିଠା ହସ ଆସୁ
ମୋର ଲୁହ ଧାର ।
ଗଲାଣି ସେ କାହିଁ କେତେଦିନୁ
ତାର ନୂଆ ସଂସାର ସାଥିରେ
ମୁଁ ବଡ଼ ଅଲାଜୁକ
ଥରେ ମୋ ଆଖିକୁ ଦେଖ
ତାର ଛବି ଫୁଟି ଇଠୁଥିବ ନିଶ୍ଚେ
ଏଇ ମୋର ଦୁଇ ନୟନରୁ ।
ମୁଁ ଜାଣିଛି ନିଦାଘରେ ଝରିବନି ବର୍ଷା
ପାଉଁଶ ତଳରୁ ଆଉ ମିଳିବନି
ଫୁଲର ବଗିଚା
ତଥାପି ମୁଁ ଅପେକ୍ଷାରେ ରହେ
ମୁଁ ପାଗଳ ସେବେଠୁ ସେମିତି
ନିଆରା ଝିଅଟି ବିନା
ଆଜିବି ମୁଁ ଏକା
ସିଏ ମୋ ପ୍ରେମିକା
ସିଏ ମୋ ପ୍ରେମିକା ।

ଖୋର୍ଦ୍ଧା

### ମନେ ପଡେ ଆଜି ପିଲାଦିନ ମୋର

**ବୈଷ୍ଣବ ମେହେର**



ତୋ ଝରକାରୁ କେବେ ଉଙ୍କି ଦେଖ,
ତୋ ଘରୁ ମୋ ଘର କେତେ ଦୂର ;
ତୁ ଅବା ଜାଣିବୁ କେମିତି ଏକଥା,
ତୋତେ ଖୋଜିଛି ମୁଁ ଅନେକ ଥର ।
ମନେ ପଡେ ପୁରୁଣା ସ୍ମୃତି ବାରମ୍ବାର ।

ସାଥି ଥିଲୁ ତୁ ପିଲା ଦିନର,
ନିଜ ପଥେ ଆଜି ନିଜେ ନିଖୋଜ;
ଗାଆଁରେ ଯାଇ
ଖୋଜେ ସାଥି ମୋର,
ସେ ଗାଁ ର ବରଗଛ ଓହଳ,
ଦୁଷ୍ଟ କୁନି ସାଙ୍ଗ ସାଥି ମେଳ ;
ଛୋଟ ଛୋଟ ମଇଳା ପ୍ୟାଣ୍ଟ୍ ପିନ୍ଧି,
ଖେଳୁଥିଲୁ କେତେ ବାଲି ଖେଳ ।

କାଦୁଅ ରେ ସର ସର ବରକୋଳି,
ନଳ କୂଅରେ ଟିକିଏ ଧୋଇ ଦେଇ,
ଲୁଣ ଲଙ୍କା କୁ ଧନିଆ ପତର,
ବହୁଛି ଏବେ ମୋ ପାଟିରୁ ଲାଳ ।


ଭୀଷଣ ଗରମ ଟହ ଟହ ଖରାରେ,
ଖୋଲା ଦେହେ ଓଦା ଗାମୁଛା ଧରି,
ଡହ ଡହ ବୁଲୁଥିଲୁ ସାଙ୍ଗ ହୋଇ,
ଏକଥା ସବୁ ତୁ ଗଲୁକି ଭୁଲି ।

ବରଷା ଭିଜା ଭିଜା ଭୂଇଁର ମହକରେ,
ଓଦା ହେଇ ଭିଜିବା ର ମଜା;
ଥକି ଯାଇ ଘରକୁ ଫେରିଲା ପରେ,
ଖାଉଥିଲୁ ମାଆ ହାତ ତିଆରି ଖଜା ।

ଶୀତ ଦିନ କାକର ସାରା ରାତି,
ଡଙ୍ଗାରେ ଭରା-ନଈ ହୋଇ ପାରି,
ସାଇକଲରେ ଆର ଗାଁ କୁ ଯାଇ,
ଦୁର୍ଗା ପୂଜା ଦେଖୁଥିଲୁ ମନେ ଅଛି ।

ବାପାଙ୍କ ଆକଟ, ଶିକ୍ଷକଙ୍କ ବେତ ପାହାର,
ଫାଟି ପଡୁଥିଲା ମୋ ଦେହ ହାତ;
ସମୟ ସୁଅରେ ଏସବୁ ସ୍ମୃତିର ଫଳକ,
ମନେ ପଡେ ଆଜି ପିଲାଦିନ ମୋର ।

ଗଣ୍ଡାବାହାଲି
ନୂଆପଡ଼ା
ମୋ: ୬୨୬୪୩୦୫୦୦୩





## କବିତା

ତୁମ ପାଇଁ

### ଗ୍ରୀଷମ ଦାଉରୁ ମିଳିବ ମୁକ୍ତି......

**ରାମଚନ୍ଦ୍ର ବେହେରା**

ଚଇତ ଖରା ଜଳୁଛି ଧରା
ଦେହରୁ ବୋହୁଛି ଝାଳର ଧାରା
ଅସହ୍ୟ ତାତି
ଅଂଶୁଘାତ ଆଜି ବଢାଏ ଭୀତି।

ଶୁଖିଲା ଦିଶେ ନଈର ଧାର
ଜୀବଜନ୍ତୁଙ୍କର ଶୁଭେ ଚିତ୍କାର
ଏ ସବୁ ପାଇଁ
ମଣିଷ ସମାଜ ଅଟଇ ଦାୟୀ।

ବଣ ଜଂଗଲ ହେଉଛି ଧ୍ୱଂସ
କଳ କାରଖାନା ଗଢେ ମଣିଷ
ସେଇଥି ପାଇଁ
ଅସହ୍ୟ ଗରମୀ ଆସୁଛି ଧାଇଁ।

ମଣିଷ ଆଜି ବିବେକ ହୀନ
ଅକାଳ ଗ୍ରୀଷମ ହୁଏ ବିଷମ
ଆସରେ ମିତ
ପରିବେଶ ପାଇଁ ହେବା ଜାଗ୍ରତ।

ଗାଆଁ ପାଖରେ ଖାଲି ଜାଗାରେ
ଗଛ ଲଗାଇବା ସାଥୀ ମେଳରେ
ତା'ର ଯତନ
ନେବା ପାଇଁ ଆମେ କରିବା ପଣ।

ଗଛକୁ ଦେଖି ହସିବ ମହୀ
ବରଷା ଆସିବ ଭରିବ ନଈ
କମିବ ତାତି
ଗ୍ରୀଷମ ଦାଉରୁ ମିଳିବ ମୁକ୍ତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ମାଟି ଅଛି ବୋଲି

**ଧ୍ରୁବ ଚରଣ ଘିବେଲା**

ମାଟି ଅଛି ବୋଲି ମାଟିର ଉପରେ
କେତେ ଜମି ଖାଲଖମା
କେଉଁଠି ସବୁଜ ଘାସର ପଡ଼ିଆ
ଭରିଅଛି ସବୁଜିମା ।

ମାଟି ଅଛି ବୋଲି କେଉଁଠି ପାହାଡ଼
ରହିଛି ବଣ ଜଙ୍ଗଲ
କେତେଜାତିଗଛ କେତେ ଜାତିପ୍ରାଣୀ
ଶୋଭା ବଢ଼ାନ୍ତି ଡଉଲ ।

ମାଟି ଅଛି ବୋଲି ମାଟି ପରେ ପୁଣି
ବହେ କେତେ ନଈ ନାଳ
ନଈ କୂଳେ କୂଳେ ଗଢ଼ି ଉଠିଥାଏ
କେତେ ଗାଆଁ ଓ ସହର ।

ମାଟି ଅଛି ବୋଲି କେତେ ଶାଖା ମେଲି
ଏଠି ସେଠି ଥାନ୍ତି ଗଛ
ଖରାର ପ୍ରକୋପ କରିବାକୁ ହ୍ରାସ
ଲଗାଇବା ସିନା ଗଛ ।

ମାଟି ଅଛି ବୋଲି ମହତ ରହିଛି
ମାଟି ମାଆ ଆମ ସାହା
ସବୁଜ ସୁନ୍ଦର ସବୁଜିମା ପାଇଁ
ଲଗାଇବା ଗଛ ଯାହା ।

ମାଟି ଅଛି ବୋଲି କେତେ ଖେଳି ବୁଲି
ବିତାଉ ତାରି କୋଳରେ
ମାଆ ବୋଲି ମାଆ ସଦା ସର୍ବଂସହା
ସଂଖୋଳେ ଅତି ଆଦରେ ।

ମାଟି ଅଛି ବୋଲି ଆଶ୍ରୟ ପାଇଛେ
ମାଟି ପରେ ଘର ତୋଳି
ମାଆ ମାଟି ଭାଷା ସର୍ବଦା ସରସା
(ଅଛୁ)ତା' ପାଦେ ପ୍ରଣତି ଢାଳି ।

ମାଟି ଅଛି ବୋଲି ମାଟିରେ ଜନମ
ମାଟିରେ ପୁଣି ମରଣ
ମାଟିର ଶରୀର ମାଟିରେ ଗଢ଼ା ସେ
ମାଟିରେ ହୁଏ ବିଲୀନ ।

ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### ନଈ ମରିଯିବ

**ନୀଳମଣି ଚାନ୍ଦ**

ଅଙ୍କେଇ ବଙ୍କେଇ ଯେଉଁ ନଈ ଦିନେ
ଯାଉଥିଲା ବହି ବହି
ଶୁଖିଲା ପଡ଼ିଛି ସେହି ନଈ ଧାର
ଦେଖିଛ କି କୂଳେ ରହି ?

ହସାଉଥିଲା ସେ ତୀର ତରୁଲତା
ଲାଗୁଥିଲା ଆମ କାମେ
ଯୋଡୁଥିଲୁ ଶବ୍ଦ ନଈ ଉପକାରୀ
ଆମେ ଯେ ତାହାରି ନାମେ।

କଳକାରଖାନା ନେଲା ପାଣି ଟାଣି
ବରଷା ବି ଗଲା କମି
ଜଳବାୟୁ ଗଲା ବଦଳି ବଦଳି
ଧାର ବଳ ଗଲା ଥମି।


ପ୍ରଦୂଷଣ କଲେ ଲୋକମାନେ ମିଶି
ପାଣି ତ ଜହର ହେଲା
ଗଙ୍ଗା,ବ୍ରହ୍ମପୁତ୍ର, ନାମରୁ ସୁନାବ୍ୟା
ଉପାଧି କେ କାଢ଼ି ନେଲା।

ଆଜି ନଈ ଅଛି ଧାରଟି ଶୁଖିଲା
ଏମିତି କି ରହିଥିବ
ଦିନଟି ଆସିବ ସଭିଏଁ କହିବେ
ଆମ ନଈ ମରିଯିବ।

+ମନ୍ଧ ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ସୁଜନ ଏବଂ ଦୁର୍ଜନ

**ସନ୍ତୋଷ କୁମାର ଅଦାବର**



ଗୋଟିଏ ଆଶ୍ରମ ସମ୍ମୁଖରେ ବରଗଛଟିଏ ଥାଏ । ସେଠାରେ ପ୍ରତିଦିନ ଗୁରୁ ସକାଳ ସମୟରେ ନିଜ ଶିଷ୍ୟ ମାନଙ୍କ ସହ ବସି ବିଭିନ୍ନ ଆଲୋଚନା ତଥା ଜଟିଳ ପ୍ରଶ୍ନ ଗୁଡ଼ିକର ସମାଧାନ କରିଥାଆନ୍ତି । ସେଦିନର ବିଷୟ ଥିଲା ଦୁର୍ଜନ କିପରି ସୁଜନ ଉପରେ ପ୍ରଭାବ ପକାଇଥାଏ ? ଏଭଳି ଜଟିଳ ପ୍ରଶ୍ନର ସମାଧାନ ପାଇଁ ଗୁରୁ ଜଣକ ଏକ ଦୃଷ୍ଟାନ୍ତ ଦେଇ ଶିଷ୍ୟ ମାନଙ୍କୁ ବୁଝାଇଲେ ।

ପ୍ରକୃତରେ ସୁଜନ ସବୁବେଳେ ନିଜକୁ ଦୁର୍ଜନ ଠାରୁ ଦୂରେଇ ରଖିବା ଉଚିତ । କାରଣ ସୁଜନ ଲୋକର ମନରେ ସର୍ବଦା ସକରାତ୍ମକ ଚିନ୍ତାଧାରା ଥାଏ । ସତ୍ୟ, ଧର୍ମ ଏବଂ ନ୍ୟାୟର ସହ ସେ ବଞ୍ଚିଥାଏ । ଅନ୍ୟ ପକ୍ଷରେ ଦୁର୍ଜନ ସଦା ସର୍ବଦା ଅନ୍ୟର ଅହିତ ଚିନ୍ତାକରେ । ନିଜ ସ୍ୱାର୍ଥ ସାଧନ ନିମିତ୍ତ ଅନେକ ଅସାଧୁ ଉପାୟକୁ ପାଥେୟ କରିଥାଏ । କିନ୍ତୁ ସୁଜନ ନିଜର ଆତ୍ମରକ୍ଷା ନିମିତ୍ତ ଦୁର୍ଜନ ସହ ଯଦି କିଛି କରୁଛି, ତେବେ ସୁଜନର ହାନି ଘଟିଥାଏ।

ଏହାର ଏକ ଦୃଷ୍ଟାନ୍ତ; ଗୋଟିଏ ସ୍ଥାନରେ ନିଆଁ ଜଳୁଛି । ଆମେ ସେଠାରେ ଯଦି କିଛି ଶୁଖିଲା ପତ୍ର ପକାଇଦେବା, ତେବେ ପତ୍ର ସବୁ ଜଳିଯିବ । ଏଠାରେ ଶୁଖିଲା ପତ୍ରକୁ ସୁଜନ ଏବଂ ନିଆଁକୁ ଦୁର୍ଜନ ଭାବରେ ନେଇଛୁ । ଅନ୍ୟ ପକ୍ଷରେ ନିଆଁ ଯଦି ଜଳିଜଳି ଆଗକୁ ଆଗକୁ ଯାଉଥାଏ ଏବଂ ସେ ବାଟରେ ଯଦି ଶୁଖିଲା ପତ୍ର ଭେଟିଲା,ତେବେ ଶୁଖିଲା ପତ୍ରକୁ ନିଶ୍ଚୟ ନିଆଁ ଧରିବ ଏବଂ ପୋଡ଼ିଦେବ । ଅର୍ଥାତ୍ ଶୁଖିଲା ପତ୍ର ଯଦି ନିଆଁକୁ ଆକ୍ରମଣ କରେ ବି ସେ ପୋଡ଼ିଯିବ କିମ୍ବା ନିଆଁ ଯଦି ଶୁଖିଲା ପତ୍ରକୁ ଆକ୍ରମଣ କରେ,ତେବେ ନିଆଁର କିଛି ଅସୁବିଧା ହେବ ନାହିଁ; ସେଇଠି ବି ଶୁଖିଲା ପତ୍ର ପୋଡ଼ିଯିବ ।

ଅର୍ଥାତ୍ ଦୁର୍ଜନ ଲୋକର କୁପ୍ରଭାବ ସର୍ବଦା ସୁଜନକୁ ପଡ଼ିଥାଏ । ଏଣୁ ସୁଜନ ଲୋକ ସବୁବେଳେ କୁଜନ ବା ଦୁର୍ଜନ ଠାରୁ ଦୂରେଇ ରହିବା ଉଚିତ । ନହେଲେ ମାଠିଆଟିଏ ପଥରକୁ ଆକ୍ରମଣ କଲେ ମାଠିଆଟି ଫାଟିଯିବ ଏବଂ ପଥରରେ ମାଠିଆକୁ ବାଡ଼େଇଲେ ବି ମାଠିଆଟି ଭାଙ୍ଗିଯିବ ।

ସୁନ୍ଦର ଦୃଷ୍ଟାନ୍ତ ମାଧମରେ ଏକ ଜଟିଳ ପ୍ରଶ୍ନର ସମାଧାନ ଶୁଣି ଶିଷ୍ୟଗଣ ଅତ୍ୟନ୍ତ ପ୍ରୀତ ହୋଇଗଲେ । ଗୁରୁଙ୍କ ଦ୍ୱାରା ସେହି ସକାଳର ଆଲୋଚନାଟିର ସମାପ୍ତି ଘୋଷଣା ପରେ ଗୁରୁଙ୍କର ଆଶୀର୍ବାଦ ନେଇ ଶିଷ୍ୟଗଣ ଯିଏ ଯାହାର କାମରେ ଲାଗିପଡ଼ିଲେ ।

+ବୀରମହାରାଜପୁର,ସୁବର୍ଣ୍ଣପୁର

### ଆମେ ଏ ଦେଶର ଟିକି ସଇନିକ

**କୀର୍ତ୍ତନ ସାହୁ**

ଆମେ ଏ ଦେଶର ଟିକି ସଇନିକ
ଦେଶର ଉନ୍ନତି ଆମରି ହାତେ
ମନ ଦେଇ ଆମେ ପାଠ ପଢ଼ିବୁରେ
ପ୍ରାର୍ଥନା କରିବୁ ସଞ୍ଜେ ଓ ପ୍ରାତେ।

ଆମେ ଭଲ ହେଲେ ଦେଶ ଭଲ ହେବ
ଏ କଥାଟି ଆମେ ରଖିବୁ ମନେ
ସ୍ୱାଧୀନ ଭାବରେ କାମ କରି ଯିବୁ
ଯେମିତି କରନ୍ତି ପ୍ରାଣୀଏ ବନେ ।

ବାପା ମାଆ ଭକ୍ତି ପ୍ରଥମେ କରିବୁ
ତାଙ୍କ ଆଶୀର୍ବାଦେ ଆଗେଇ ଯିବୁ
ଦରକାର ବେଳେ ପାଖେ ପାଖେ ଥାଇ
ତାଙ୍କ ଆଦେଶକୁ ଅନେଇ ଥିବୁ ।

ବିଭିନ୍ନ କ୍ଷେତ୍ରରେ କାମ କରିବାକୁ
ନୂତନ କୌଶଳ ଶିଖିବୁ ଆମେ
ଯେତେ ବାଧା ବିଘ୍ନ ଆସୁପଛେ ପଥେ
ଦେଖାଇ ଦେବୁରେ ଆମରି କାମେ ।

ସାହିତ୍ୟ ଗଣିତ ବିଜ୍ଞାନ ଆଦିରେ
କାମ କରିଯିବୁ ଆଗକୁ ବଢ଼ି
କ୍ଷେପି ଯିବୁ ଆମେ ମହାକାଶ ଯାନେ
ସ୍ୱତନ୍ତ୍ର ଆଗ୍ରହ ମନରେ ଗଢି ।


ଉନ୍ନତି ପଥରେ ଆଗେଇ ନେବୁରେ
ଯେତେ ଭଲ କାମ ଆମେରେ କରି
ଏ ଦେଶ ଆମର ଆମେ ହିଁ ତାହାର
ଏଇ କଥାଟିକୁ ହୃଦୟେ ଭରି ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧



### ଚଇତି ଖରା

**ପ୍ରଶାନ୍ତ କୁମାର ଦାଶ**



ଚଇତିଖରାରେ ତାତଇ ବାଲି
ବାଟୋଇ ବାପୁଡ଼ା ପାରୁନି ଚାଲି
ଦେହ ମାରିଯାଏ ଝାଇଁ
ମିଳନ୍ତା ଟିକିଏ ଗଛର ଛାଇ
ସଡକ କଡ଼ରେ ଗଛତ ନାହିଁ ।

ଚଇତ ଆସିଛି ଖରାକୁ ଧରି
ଖରା ଦେଖି ମଥା ଯାଉଚି ଘୂରି
ଡହଳ ବିକଳ ପଶୁ
ପାଣି ମିଳୁନାହିଁ ଶୁଖିଯାଏ ତଣ୍ଟି
ଆକାଶୁ ବରଷା ଖସୁ ।

ଅଜା ଗୁଳୁମୁଳି ଖରାକୁ ଡରି
ପାଣିଭୁତଲ ଓ ଛତାକୁ ଧରି
ଯାଆନ୍ତି ବଜାର ହାଟ
ବଢିଗଲେ ତାତି ଖରାର ଦାଉ
ଶୂନ ଶାନ ବାଟ ଘାଟ ।

କୋଇଲି ଗଛରେ ଗାଉଚି ଗୀତ
ପୁଲକ ଭରୁଚି ସବୁରି ଚିତ୍ତ
ଗଛରେ ପାଚିଛି ବେଲ
ବୋଉ ତିଆରିବ ଦହି ବେଲପଣା
ଲାଗିବ ସୁଆଦ ଭଲ ।

ଖରାଦେଖି ମୁଣ୍ଡେ ଦିଅଇ ହାତ
ଫାଟି ପଡିଲାଣି ଗହୀର କ୍ଷେତ
ଚାଷୀତ ଭାବଇ ବସି
ପାଣି ଅଭାବରେ ତା ସୁନାକ୍ଷେତକୁ
କେମିତି ପାରିବ ଚଷି ।

ଲଗେଇଲେ ଗଛ ପାଇବା ହିତ
ତା ଛାଇରେ ବସି ଗାଇବା ଗୀତ
ବାଧିବନି ଟାଣଖରା
ଚଇତତ ଥିବ ବରଷା ଆସିବ
ହେବ ନଈ ନାଳଭରା ।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

### ପିତା ମାତା


**ଜୟନ୍ତ କୁମାର ମଲ୍ଲିକ୍**

ପିତା ମାତା ଆମ ଆଦ୍ୟଗୁରୁ
ନଯିବା କେବେ ଭୁଲି
ମନରେ ଦୁହେଁ ଲଗାଇ ଦେଇ
ଥାଆନ୍ତି ଖୁସି ଝୁଲି ।
ମାତା ଚିହ୍ନାଇ ଦିଏ ଅକ୍ଷର
ସିଲଟ ଖଡ଼ି ଧରି
ପାଠ ପଢ଼ିବା ପାଇଁ ଆଗ୍ରହ
ମନରେ ଦିଏ ଭରି ।
ପିତା ପଢ଼ାଇ ଦେଇଣ ଥାନ୍ତି
ବର୍ଣ୍ଣବୋଧର ପାଠ
ମାତା କୁହଇ ମୂରୁଖ ଲୋକ
ଛତୁ ଫୁଟିଲା କାଠ ।
ପିତା ମାତାଙ୍କୁ କଲେ ଭକତି
ଦଇବ ହେବେ ସାହା
ଜୀବନ ପଥ ହେବ ସୁଗମ
ମିଳି ଯିବତ ରାହା ।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

## କିଟୀ, ବିଲୁ ଓ ଗୁଗୁଲ୍

**ନଗେନ୍ଦ୍ର ନାଥ ପଟ୍ଟନାୟକ**



କିଟୀ ବିଲେଇର ଖୁସୀ ଦେଖେ କିଏ ! କଥା କଣ କି, ତା' ଜନ୍ମଦିନରେ ତାକୁ ଗୋଟାଏ ଲ୍ୟାପଟପ୍ ମିଳିଯାଇଥିଲା । କିନ୍ତୁ ସେ ଦିନସାରା ନାନା ରକମର ଗେମ୍ ଖେଳରେ ମାତିଯାଇଥାଏ ।

ପରୀକ୍ଷା ତାର ଶେଷ ହୋଇଛି ବୋଲି ମାମା ବାପା କିଛି ବି କହନ୍ତି ନାଇଁ ।

ଦିନେ ତା ସାଙ୍ଗ ବିଲୁ ବିଲେଇ କହିଲା– 'ଏ କୁନି କିଟୀ ! କାହିଁ କେତେ ଖବର ଗୁଗୁଲସାରା ଛାଇ ହୋଇଗଲାଣି ବୋଲି ତୁ କଣ ଜାଣିଚୁ ନା !' 'ମାନେ କି ଖବର ?' 'ଯେକୌଣସି ବିଷୟରେ ଜାଣିହେବ, ଏଇ ଯେମିତି କୌଣସି ଦେଶ, ଖେଳାଳୀ, ବଣ ଜଙ୍ଗଲ, ପାହାଡ ପର୍ବତ, ରେଳ, ସ୍କୁଲ ଏମିତି କୌଣସି ବିଷୟରେ ତୁମେ ଜାଣିପାରୁଛ ।' 'ଆଛା କେମିତି ?

ବିଲୁ ବିଲେଇ ତାକୁ ଗୁଗୁଲରେ ଖୋଜିବାକୁ ବାଟ ବତେଇଦେଲା–'ଏଇ ଦେଖ, ଏଟାକୁ ଇମିତି ସର୍ଚ୍ଚ କରିପାରୁଛି...।' ଏବେ ଲିଟିଲ୍ କିଟୀକୁ ବହୁତ ମଜା ଲାଗୁଥିଲା। ଗୁଗୁଲ ତ ଗଭୀର ଜ୍ଞାନର ଭଣ୍ଡାର ।

ସେ ସର୍ବପ୍ରଥମେ ଗୁଗୁଲରେ ତା' ସହର ନାମ ଭରିବା କ୍ଷଣି ହଠାତ୍ ସେ ବିଷୟରେ ସବୁତକ ତଥ୍ୟ ଲାପଟପ୍ ପରଦା ଉପରକୁ ଆସିଗଲା । ତା'ପରେ ସେ ପଡା ବାବଦରେ ପଚାରିଲା । ଠିକ୍ ଏତିକିବେଳେ କିଟି ବିଲେଇ ମୁଣ୍ଡରେ ପ୍ରଶ୍ନଟିଏ ଖେଳି ବୁଲିଲା । ଏବେ ଦେଖାଯାଉ, ସବୁଠାରୁ ବେଶି ମୂଷା କେଉଁଠି ଦେଖିବାକୁ ମିଳନ୍ତି ?

ବାସ୍ , ସେ ପୁଣି ଗୁଗୁଲ ଉପରେ ଲେଖିଲା – 'ଆରେ ମୂଷା ! କୋଉଠି ଦେଖା ଯାଉଛ ? ମୂଷା କାହାକୁ କହନ୍ତି ?' ବୋଲି ଗୁଗୁଲ ପ୍ରଥମେ ପଚାରିଲା । ଏମାନେ ତ କେତେ ରକମର ଅଛନ୍ତି । ମୂଷା ଏସିଆ, ୟୁରୋପ ଓ ଆଫ୍ରିକା ହେରିକା ଦେଶରେ ବହୁଳ ସଂଖ୍ୟାରେ ଦେଖିବାକୁ ମିଳନ୍ତି ଏବଂ ଯାର ଛୋଟ ଛୋଟ ପ୍ରଜାତି ଅଛନ୍ତି ବୋଲି ଗୁଗୁଲ ପୁଣି ବତେଇଲା। ଏଇ ମୂଷା କହରା ଆଉ ସଫେଦ୍ ଦୁଇ ବର୍ଣ୍ଣର ଅଛନ୍ତି ଯେ କି ପ୍ରାୟ ଘରେ କି ବିଲବାଡିରେ ଗାତ କରି ରହନ୍ତି । କୁନି କିଟୀ ବିଲେଇ ଫେର ଭାବିବାକୁ ଲାଗିଲା–'ହାଁ...ଗାତ ସିନା ବନେଇ ରହନ୍ତି, ଏଠି ତ ସମସ୍ୟା ଅଛି । ଯେଉଁଠି ବସା ବସେଇଲେ ମଧ ଏମାନଙ୍କ ଗାତରେ ପଶିବା ବଡ କାଠିକର ପାଠ । ଅତି ଛୋଟ ଗାତ, କିଏ ଜାଣେ, ଭିତରେ ସୁଡଙ୍ଗ ଅଛି କି ନାହିଁ ।' ଥରେ ଅଧଘଂଟା ପର୍ଯ୍ୟନ୍ତ ମୂଷା ଅପେକ୍ଷାରେ ସେ ଗୋଟିଏ ଗାତ ପାଖରେ ବସିଥିଲା ବୋଲି ତାର ମନେପଡୁଛି। କିଟି ବିଲେଇ ଚିନ୍ତାରେ ଘାରି ହେଉଥିଲା । ଠିକ୍ ସେତିକିବେଳେ ସେ ଖୁବ୍ ଉତ୍ସାହର ସହ ଉଠିପଡି ଭାବିବାକୁ ଲାଗିଲା–'ହୁଁ, ଏ ସମୟରେ ବହୁତ ଗୁଡେ ମୂଷା କେଉଁଠୁ ବା ମିଳିବେ।' ସେ ପୁଣି ଗୁଗୁଲ ସର୍ଚ୍ଚକଲା । 'ଇ ଏପ୍ରିଲ-ମଇ ମାସରେ ଅଧିକାଂଶ ମୂଷା ରହନ୍ତି କେଉଁଠି ? ହୋଲି ପରବ ପରେ ପରେ ରବି ଫସଲ ପାକଳ ହୋଇ ପାଚୁଥାଏ । ବିଶେଷକରି ଗହମ ଫସଲ ପାଚିବାର ଏ ପ୍ରକୃଷ୍ଟ ସମୟ ବୋଲି ଅଧିକାଂଶ ମୂଷା କ୍ଷେତରେ ରହନ୍ତି । ସେମାନେ ଗହମ ଶସ୍ୟଶିଷା ବୋହିନେଇ ନିଜ ଗାତରେ ସଂଚିତ କରନ୍ତି । ବର୍ଷା ନ ହେବାଯାଏ ଆରାମରେ ବସିକରି ଆହାର କରନ୍ତି ...।' ଗୁଗୁଲ ବତେଇଦେଲା ।

ଏହାପରେ କିଟୀ ବିଲେଇ କ୍ଷେତଆଡେ ଯିବାର ଯୋଜନା ପ୍ରସ୍ତୁତ କଲା । ସେ ବିଲୁକୁ ବି ଜଣେଇଦେଲା । ଦୁହେଁ ସକାଳୁ ସକାଳୁ କ୍ଷେତରେ ପହଁଚିଗଲେ । ସେଇଠି ସେମାନେ ଅନେକ ମୂଷା ଦେଖିଲେ । କିଟୀ ଖୁସିରେ ଝୁମି ଉଠିଲା । ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲା –'ଆଜି ତ ମଜା ଆସିଯିବ ।' ଠିକ୍ ସେତିକିବେଳେ ଗୋଟାଏ ଗାତରୁ ଦୁଇଟି ମୂଷା ବାହାରି ଆସିଲେ । ଗୋଟାକକୁ ତ କିଟୀ ଝାମ୍ପିନେଇ ନିଜ ପଂଝାରେ ଜାବୁଡି ଧରିଲା । ବିଲୁକୁ ଏବେ କୌଣସି ଶିକାର ମିଳି ନ ଥିଲା । ସେ ଚୁପ୍‌ଚାପ୍ ଢୁଲୁଢୁଲୁ ଆଖିରେ ଏକଲୟରେ ଅନେଇ ରହିଥିଲା । ଠିକ୍ ସେ ସମୟରେ କିଟୀ ବଡପାଟିରେ ଚଲେଇଲା । ବିଲୁ ଦେଖିଲା ଗୋଟାଏ କଟିଟିକି କଳା ରଙ୍ଗର ପୋଷା କୁକୁରଟେ ମାଲିକ ସାଙ୍ଗରେ କ୍ଷେତ ଆଡେ ଆସୁଛନ୍ତି । ଦୁହେଁ ସେଇଠୁ ଜୀବନ ବିକଳରେ ଚମ୍ପଟ ମାରିଲେ; କିନ୍ତୁ ଡୋଙ୍ଗି କୁକୁର ସେମାନଙ୍କୁ ପଳେଇ ଯାଉଥିବା ଦେଖିଦେଲା । 'ଆରେ ବିଲୁ ପଳା, ଏଇ ଦେଖ ସେଆଡୁ ଡଙ୍ଗୀ କୁକୁର ଆସୁଅଛି ।' ସେ ବି ତା' ଆଡକୁ ବିଜୁଳି ବେଗରେ ଦୌଡୁଥିଲା; କିନ୍ତୁ ସେତେବେଳକୁ କିଟୀ ଆଉ ବିଲୁ ସେଠି ଥିଲେ ତ ! ସଂଜବେଳକୁ କୁନି କିଟୀ ବିଲୁକୁ କହିଲା – 'ଆରେ ବିଲୁ ! କ୍ଷେତ ଭିତରକୁ ଡୋଙ୍ଗୀ ବି ଆସିପାରୁଛି ବୋଲି ଗୁଗୁଲ ବତେଇଲା ନାଇଁ ତ ? ସେ ତ ସବୁ ମଜା ପାଣିଚିଆ କରିଦେଲା ।'

'ଆରେ କିଟୀ ! ତୁ ଗୁଗୁଲକୁ ଡୋଙ୍ଗୀ ବିଷୟରେ କେବେ ପଚାରିଥିଲୁ ।' 'ହଁ ସେଇ କଥା ତ !' କିଟୀ ତ ଡୋଙ୍ଗୀ କୁକୁର ଆକ୍ରମଣରୁ ଅଳ୍ପକେ ବଂଚିଗଲା, ହେଲେ ନିଜର ଅଧୁରା ଜ୍ଞାନକୁ ନେଇ ସେ ଦୁଃଖ ଅନୁଭବ କରୁଥିଲା । ବିଲୁ ତାକୁ ବୁଝାଇଲା- 'ଏଇ ଦେଖ, ଅଧୁରା ଜ୍ଞାନ ଯେ ବଡ ବିପଜ୍ଜନକ ଏ କଥା ଉପରେ ସର୍ବଦା ଧ୍ୟାନ ରଖିବୁ । କିଟୀ ପୁଣି ଲ୍ୟାପଟପ୍ ବାହାରକରି ଡୋଙ୍ଗୀ କେଉଁଠି କେଉଁଠି ଦେଖାଯାଏ ଓ ମୂଷା ଶିକାର କରିବା ବେଳେ ସେ କେମିତି ବଂଚିଯାଇ ପାରୁଛି ସେ ବିଷୟରେ ଖୋଜିବାକୁ ଲାଗିଲା ।

+ଓସ୍କାର ସିଟି, ଲେନ ନଂ-୯ ,ପ୍ଲଟ ନଂ- ୪୫୬, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

### ଆମରି ଉତ୍କଳ

**ଆଦ୍ୟାଶା ମହାପାତ୍ର**

ସବୁ ରାଜ୍ୟ ମଧ୍ୟେ ଆମରି ଉତ୍କଳ
ଶ୍ରେଷ୍ଠ ବୋଲି ବିବେଚିତ
ପ୍ରକୃତି ମାତାର ଅପୂର୍ବ ସୌନ୍ଦର୍ଯ୍ୟ
ଏଠି ପରା ସମବେତ ।

ପର୍ବତ କାନନ ଚଉଦିଗେ ଘେରି
ବଢ଼ାଉଛି ତା'ର ଶୋଭା,
ସୁନୀଳ ସାଗର ଚରଣ ଧୁଏ ତା
ହ୍ରଦ, ଝର ମନଲୋଭା ।

ପ୍ରଭୁ ଜଗନ୍ନାଥ ନୀଳାଚଳେ ଉଭା
କୋଟି ଜନ ପ୍ରାଣ ଧନ
ରଥଯାତ୍ରା ତାଙ୍କ ପୃଥିବୀ ପ୍ରସିଦ୍ଧ
ଭକ୍ତ ପାଶେ ଆର୍ତ୍ତତ୍ରାଣ ।

କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
ମୂକ ସାକ୍ଷୀ କୋଣାରକ
ସପ୍ତାଶ୍ଚର୍ଯ୍ୟ ମଧ୍ୟେ ପରିଗଣିତ ସେ
ଅନେକରେ ସେ ଯେ ଏକ ।

ମୋ ଜାତି ଜନତା କଣ୍ଠେ ଘୋଷିତ
ମଧୁସ୍ରାବୀ ଐକ୍ୟତାନ
ଏ ମାଟି ଐତିହ୍ୟ ସଂସ୍କାର ସଂସ୍କୃତି
ପରମ୍ପରା ମହୀୟାନ ।

ବୀର ପ୍ରସବିନୀ ଉତ୍କଳ ଜନନୀ
ଆମେ ତା' ସନ୍ତାନଗଣ
ଜାତି ନନ୍ଦିଘୋଷ କର୍ଣ୍ଣଧାର ହୋଇ
ରଖିବା ତା'ର ସମ୍ମାନ ।

+ନୂଆପଡା, କଟକ

# କୋଉଡିଗୁଡା ନଦୀ ପଠାରୁ ବିନା ଅନୁମତିରେ ଚାଲିଛି ବାଲି ଚାଲାଣ

ମାଲକାନଗିରି,୦୪/୪ (ନି.ପ୍ର): ନଦୀ ପଠାରୁ ବାଲି ଉଭାନ । ହଜାର ହଜାର କ୍ୟୁବିକ ସିଏମ୍ ବାଲି ବୋହି ନେଇଯାଉଛନ୍ତି ମାଫିଆ । ନା ଅଛି ଅନୁମତି ନା ରହିଛି ସରକାରୀ ଦସ୍ତାବିତ । ନା ସରକାରୀ ଅଧିକାରୀ ଓ ପୁଲିସକୁ ଅଛି ଡର । ରାତି ଅଧରେ ଖାଦାନ କରି ନେଇ ଯାଉଛନ୍ତି ହଜାର ହଜାର ଗାଡ଼ି ବାଲି । ମାଲକାନଗିରି ଜିଲା ମାଥିଲି ଅଂଚଳରୁ ଆସିଛି ଲଘୁ ଖଣିଜ ଲୁଟର ବାସ୍ତବ ଚିତ୍ର । କିପରି ବର୍ଷ ତମାମ ବେଆଇନ ବାଲିଘାଟ ମାଫିଆ ବାଲି ଚୋରି ନେଉଛନ୍ତି । ନଦୀ ପଠାରେ ଦେଖାଯାଉଥିବା ବାଲିର ପାହାଡ଼ ହେଉଛି ବେଆଇନ ଭାବେ ନଦୀରୁ ଖନନ । ମାଲକାନଗିରି ଜିଲା ମାଥିଲି ତହସିଲ ଅନ୍ତର୍ଗତ କୋଉଡିଗୁଡା ନଦୀ ପଠାରେ ବାଲି ନେବାକୁ ନଦୀ ଗର୍ଭରେ ତିଆରି ହୋଇଛି ୨ କିଲୋମିଟରର ରାସ୍ତା । ପ୍ରତିଦିନ ଚାଲାଣ ହେଉଛି ଶହ ଶହ ଟ୍ରକ ବାଲି । ବିରୋଧ କଲେ ତହସିଲର ଅନୁମତି ଆଣିଥିବା କହୁଛନ୍ତି ମାଫିଆ । କିନ୍ତୁ ତାହା ତଦାରଖ କରିବାକୁ କେହିଁ ନାହାଁନ୍ତି । ବର୍ଷ ବର୍ଷ ଧରି ବେଆଇନ ଭାବେ ଚାଲିଛି ବାଲିଘାଟ । ଦିନରେ ଚଢଉ ହେଲେ ରାତି ଓ ପାହାନ୍ତିଆରେ ବାଲି ବୋହି ନେଉଛନ୍ତି ମାଫିଆ ଦଳ । ଏବେ ଲଘୁ ଖଣିଜ ଚାଲାଣ ଉପରେ ସାରା ରାଜ୍ୟରେ ଧରପଗଡ଼ ହେଉଥିଲେ ମଧ୍ୟ ଏଠାରେ ପ୍ରଭାବ ନାହିଁ । ଖାଲି ଲୋକ ଦେଖାଣିଆ ଭାବେ ତହସିଲ ଟିମ୍ ଚଢଉ କରି ଚୁପ ବସିପଡୁଛି । କାରଣ ମାଥିଲି ତହସିଲର ଜଣେ କର୍ମଚାରୀ ଏହି ବେଆଇନ ଘାଟର ମୁଖ୍ୟ ନାୟକ ବୋଲି ଚର୍ଚ୍ଚା ହେଉଛି । ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ମାଥିଲି ତହସିଲଦାର ମାନସୀ ଭୋଇ । ଘାଟରୁ ବାଲି ନେଉଥିବା ମାଫିଆଙ୍କ ସହ ରାଜନେତା ଏବଂ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଯୋଗୁ କୋଟି କୋଟି ଟଙ୍କାର ରାଜସ୍ୱ ନଷ୍ଟ ହେଉଛି । ଦୁର୍ନୀତି ନେଇ ସତ ସାମ୍ନାକୁ ଆସିବା ପରେ ବିଭାଗ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଉପରେ ନଜର ରହିଛି ।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଜୟପୁର,୦୪/୪ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲା ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଅଛି । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୟପୁର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ସିଡିସି ଡଃ ମହେଶ୍ୱର ଦୂରିୟାଙ୍କ ସଭାପତିତ୍ୱରେ ଦିବଙ୍ଗତ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼ଃ ପ୍ରଫୁଲ୍ଲ କୁମାର ମହାରଣା ଓ ଡଃ ହରି ପ୍ରସାଦ ତୁଳଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । କୋରାପୁଟ ଜିଲ୍ଲା ରାଧାକୃଷ୍ଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଡ଼ଃ ପ୍ରଫୁଲ୍ଲ କୁମାର ମହାରଣା ଓ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡଃ ହରି ପ୍ରସାଦ ତୁଳ ଉଭୟ ସ୍ନେହି, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ବୋଲି ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାମାନେ ମତପୋଷଣ କରିଥିଲେ । ବିକ୍ରମ ଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଜୟପୁର ଅଧ୍ୟକ୍ଷ କ୍ୟାପଟେନ ଲକ୍ଷଣ ପାତ୍ର, ଅଧ୍ୟାପକ ଡ଼ଃ ଗିରସ କୁମାର ଦାସ, ଡଃ ପ୍ରଦୀପ କୁମାର ସ୍ୱାଇଁ ଓ ଡଃ ପବିତ୍ର କୁମାର ବେଦାନ୍ତ ମଂଚାସିନ ରହି ଉଭୟ ସ୍ୱର୍ଗତ ମହାରଣା ଓ ତୁଳଙ୍କ ସ୍ମୃତି ଚାରଣ କରିଥିଲେ । ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସ୍ୱତ ବସନ୍ତ ରଥ ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ।

# ଯାଜପୁର ପୁଲିସ ତରଫରୁ ମୋବାଇଲ ମେଳା ଆୟୋଜିତ

କୋରେଇ,୦୪/୪ (ନି.ପ୍ର): ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ଅଂଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ଫୋନର ପ୍ରକୃତ ମାଲିକଙ୍କ ପାଖରେ ପହଂଚାଇବା ଲାଗି ଯାଜପୁର ପୁଲିସର ଏକ ମୋବାଇଲ ମେଳା କାର୍ଯ୍ୟକ୍ରମ ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଉକ୍ତ ମେଳାରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗ ଦେଇ ବିଭିନ୍ନ ଥାନା ପକ୍ଷରୁ ଉଦ୍ଧାର ହୋଇଥିବା ୪୮ଟି ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ୧୦ ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ । ବାକି ୩୮ ଫୋନ ଗୁଡ଼ିକୁ ସେମାନେ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ଶ୍ରୀ ରାଉତରାୟ ପ୍ରକାଶ କରିଥିଲେ । ଜିଲ୍ଲାର କଳିଙ୍ଗନଗର, ବିଞ୍ଝାରପୁର, ଯାଜପୁର ସଦର, କୋରାଇ, ଧର୍ମଶାଳା. ପାଣିକୋଇଲି ଥାନାରୁ ଏକ ବର୍ଷ ମଧ୍ୟରେ ଉକ୍ତ ମୋବାଇଲ ଗୁଡ଼ିକ ଚୋରି ହୋଇଥିବାର ସଂପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା । ପରେ ଏହି ମୋବାଇଲ ଗୁଡ଼ିକ ଟ୍ରାକିଙ୍ଗ କରି ଧରାଯାଇଥିଲା । ଯାଜପୁର ଜିଲ୍ଲା ପୁଲିସ ଇତିହାସରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ବୋଲି ଅତିରିକ୍ତ ଏସପି ସାମ୍ବାଦିକ ସମ୍ମିଳନୀରେ ଜଣାଇବା ସହିତ ସାଧାରଣ ଜନତାଙ୍କୁ ସେଂଟ୍ରାଲ ଇକ୍ୱିପମେଂଟ ଆଇଡ଼େଂଟି ରେଜିଷ୍ଟର ମୋବାଇଲ ଆପ ବିଷୟରେ ସୁଚନା ପ୍ରଦାନ କରିଥିଲେ । ଯାହାର ମୋବାଇଲ ଫୋନ ଚୋରି ହୋଇଛି ଥାନାକୁ ନ ଯାଇ ଉକ୍ତ ଆପ ମାଧ୍ୟମରେ ଚୋରି ହୋଇଯାଇଥିବା ମୋବାଇଲର ଆଇଏମଆଇଇ ନମ୍ବରକୁ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରିଥିଲେ । ଯାହାଦ୍ୱାରା ଉକ୍ତ ଅଭିଯୋଗଟି ସିଧା ପୁଲିସ ମୂଖ୍ୟାଳୟରେ ପହଂଚି ପାରିବ ଓ ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଙ୍ଗ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ । ଉକ୍ତ ମେଳାରେ ରିଜର୍ଭ ଇନିସପେକ୍ଟର ଦିନେଶ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଏନ.ଡ଼ି.ଆର.ଏଫ. ଏବଂ ଆର.ଏସ.ପି. ଦ୍ୱାରା ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଲକ୍ଷ୍ୟରେ ଯୁଗ୍ମ ଅଭ୍ୟାସ ଆୟୋଜିତ



ରାଉରକେଲା,୦୪/୪ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ ପ୍ଲାଣ୍ଟ ବିଭାଗର ପ୍ରୋପେନ ପ୍ଲାଣ୍ଟ-୩ ପରିସରରେ ଅପ୍ରେଲ ୪ ତାରିଖରେ ନେସନାଲ ଡ଼ିଜାଷ୍ଟର ରେସ୍ପନ୍ସ ଫୋର୍ସ (ଏନଡ଼ିଆରଏଫ) ଏବଂ ଆରଏସପି ଦ୍ୱାରା କାଳ୍ପନିକ ପ୍ରୋପେନ ଗ୍ୟାସ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଯୁଗ୍ମ ସୁରକ୍ଷା ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ପ୍ରାବଧାନିକ ଆବଶ୍ୟକତା ଅନୁଯାୟୀ କାରଖାନାରେ ଯେକୌଣସି ଗ୍ୟାସ ଅଗ୍ନିକାଣ୍ଡ ଜନିତ ସମ୍ଭାବ୍ୟ ଘଟଣାର ମୁକାବିଲା ନିମନ୍ତେ ଆରଏସପିର ଅନସାଇଟ ଡ଼ିଜାଷ୍ଟର ମେନେଜମେଣ୍ଟ ସିଷ୍ଟମର କାର୍ଯ୍ୟ ଦକ୍ଷତା ତଥା ସଂପୃକ୍ତ ବିଭାଗୀୟ କର୍ମଚାରୀଙ୍କର ପ୍ରସ୍ତୁତିର ଆକଳନ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ମକ ଡ୍ରିଲରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ରାଉରକେଲା ମହାନଗର ନିଗମର ଉପାୟୁକ୍ତ ଶ୍ରୀମତୀ ଅନିତା ନାୟକ, ଓଡିଶା ସରକାରଙ୍କ ଫେକ୍ଟୋରୀ ଓ ବୟଲର ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଶ୍ରୀ ଏସ କେ ରାଉତ, ମେଣ୍ଟେନାଂଶ ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଏସ ଏସ ରାୟଚୌଧୁରୀ, ଇଏମଡ଼ି ବିଭାଗର ସିଜିଏମ ଶ୍ରୀ ପି ଏସ କନ୍ନନ, ସର୍ଭିସେସ ବିଭାଗର ସିଜିଏମ ଶ୍ରୀ ଆତିଶ ଚନ୍ଦ୍ର ସରକାର, ପରିବେଶ ଓ ୟୁଟିଲିଟି ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ଅଗ୍ନିଶମ ସେବା ବିଭାଗର ଡ଼ିଜିଏମ ଶ୍ରୀ ଏମ ଆଇ ସୋଙ୍କୁଶରେ, ସିଆଇଏସଏଫର ଡେପୁଟି କମାଣ୍ଡଣ୍ଟ ଶ୍ରୀ ବି କୁମାର, ତଥା ଆରଏସପି, ସିଆଇଏସଏଫ, ଏନଡ଼ିଆରଏଫ ଓ ଓଡ୍ରାଫର ବହୁ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଉକ୍ତ ଯୁଗ୍ମ ଡ୍ରିଲରେ ନିଜର ବକ୍ତବ୍ୟରେ ଶ୍ରୀ ପଲାଇ ଏଭଳି ଅଭ୍ୟାସର ପରିସୀମାକୁ କାରଖାନାର ଅଞ୍ଚଳକୁ ବ୍ୟାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାଦ୍ୱାରା ଅଭିଜ୍ଞ ଏନଡ଼ିଆରଏଫ ଦଳଙ୍କ ନିପୁଣ ଦକ୍ଷତାର ଲାଭ ନେଇହେବ । ନିଜର ବକ୍ତବ୍ୟରେ ଶ୍ରୀମତୀ ଅନିତା ନାୟକ ଜରୁରୀକେଳୀନ ପରିସ୍ଥିତିରେ ଫଳପ୍ରଦ ମୁକାବିଲା ପାଇଁ ସମସ୍ତ ଏଜେନ୍ସିଙ୍କ ମଧ୍ୟରେ ନିପୁଣ ତାଳମେଳ ରକ୍ଷା ଉପରେ ଜୋରଦେଇଥିଲେ । ଶ୍ରୀ ବିଭୁ ପ୍ରସାଦ ନିଜର ବକ୍ତବ୍ୟରେ ଏଭଳି ଯୁଗ୍ମ ଅଭ୍ୟାସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଜରୁରୀକାଳୀନ ସ୍ଥିତିରେ ଏସଓପିଗୁଡ଼ିକର ପ୍ରୟୋଗକୁ ଅଧିକ ସୁଦୃଢ଼ ଗଢିବ । ଅନ୍ୟ ଅଧିକାରୀମାନେ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏନଡ଼ିଆରଏଫ ଦ୍ୱାରା ବିଭିନ୍ନ ରିଲିଫ କାର୍ଯ୍ୟର ମଧ୍ୟ ଭୂୟସୀ ପ୍ରଶଂସା କରିଥିଲେ । ଉକ୍ତ ମକ ଡ୍ରିଲରେ ଏନଡ଼ିଆରଏଫ, ଅଗ୍ନିଶମ ସେବା ବିଭାଗ, ଅକ୍ସିଜେନ ପ୍ଲାଣ୍ଟ ଓ ସିଆଇଏସଏଫ ବିଭାଗକୁ ନେଇ କାର୍ମିକମାନେ କମ୍ବାଟ ଦଳ, ରେସକ୍ୟୁ ଦଳ ଓ ଆନୁଷଙ୍ଗିକ ଦଳ ରୂପେ ଅଂଶଗ୍ରହଣ କରିଥିଲେ । ଉଲ୍ଲେଖନୀୟ ଯେ, ସମ୍ଭାବ୍ୟ ବିପଦର ନିପୁଣ ରୂପେ ମୁକାବିଲା ନିମନ୍ତେ ଏଭଳି ସୁରକ୍ଷା ଡ୍ରିଲ ସାରା କରାଖାନା ମଧ୍ୟରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଛି । ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏସ ଏସ ସାଇନିଙ୍କ ମାର୍ଗଦର୍ଶନରେ ବିଭାଗର ଜିଏମ ଶ୍ରୀ ଉଲ୍ଲାସ ଭୁଜବଳ ଏବଂ ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ବିଶ୍ୱଜିତ ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ

ବଲାଙ୍ଗିର,୦୪/୪ (ନି.ପ୍ର): ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦେଶ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲାସ୍ତରରେ ଅପ୍ରେଲ ୧ ତାରିଖ ଠାରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ପକ୍ଷ ପାଳନର ପ୍ରଥମ ଦିବସ ଅପ୍ରେଲ ୧ ତାରିଖରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଜିଲ୍ଲାର ସଦର ମହକୁମା ଟାଉନ ହଲ ଠାରେ ଓ ବୀରମହାରାଜପୁର ଉପଖଣ୍ଡ ସ୍ତରରେ ଓଡିଶା ଦିବସ ପାଳନ ମହାସମାରୋହରେ ପାଳିତ ହୋଇଯାଇଛି । ସରକାରଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ଗତକାଲି ଦ୍ୱିତୀୟ ଦିବସରେ ଜିଲ୍ଲାର ସଦରମହକୁମା ସ୍ଥିତ ପୌରପରିଷଦ ସୋନପୁର ସହ ପ୍ରତ୍ୟେକ ବ୍ଲକ ସ୍ତରରେ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ ତତ୍ତ୍ୱାବଧାନରେ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଅନୁଷ୍ଠିତ ହୋଇଯାଇଛି । ଏହିପରିପ୍ରେକ୍ଷୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ ପୌରପରିଷଦ ସୋନପୁର ଅନ୍ତର୍ଗତ ମଝିପଡା ସରକାରୀ ୟୁ ପି ସ୍କୁଲ ପରିସରରେ ଏକ ସଚେତନତା ରଥକୁ ପତାକା ପ୍ରଦର୍ଶନ କରିଥିବା ବେଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ଙ୍କୁ ସ୍ୱାଗତ ଓ ଅଭିନନ୍ଦନ ସହ ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଯୋଗଦାନ କରିଥିବାବେଳେ ବଲାଙ୍ଗୀର ସାଂସଦ ପ୍ରତିନିଧି ଶରତ ଶତପଥି, ଡି ଇ ଓ ମୀନାରାଣୀ ମଙ୍ଗଳ, ଏ ଡିଇଓ ମଞ୍ଜୁ ଲତା ଭୋଇ, ପ୍ରଧାନ ଶିକ୍ଷୟତ୍ରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏଥି ସହ ଜିଲ୍ଲାର ବରିଷ୍ଠ ଅଧିକାରୀ ପ୍ରମୁଖ ମଧ୍ୟ ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ନିର୍ଦ୍ଧାରିତ ସକାଳ ୯ଟା ସମୟରେ ଏହି ପବିତ୍ର ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଅପ୍ରେଲ ୩ ତାରିଖରେ ଜିଲ୍ଲାସ୍ତରୀୟ ପାରମ୍ପରିକ ପୋଷାକ ପରିଧାନ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଆମ ପୋଷାକ ଆମ ପରିଚୟରେ ସମସ୍ତେ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ଓଡ଼ିଆ ଅସ୍ମିତାକୁ ଉଦ୍ଜୀବିତ କରିବାକୁ ଓଡିଶା ପକ୍ଷ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପାଳିତ ହେଲା ୮୯ତମ ଉତ୍କଳ ଦିବସ



ବାଲେଶ୍ୱର,୦୪/୪ (ନି.ପ୍ର): ବାଲେଶ୍ୱର: ଯେଉଁ ଓଡ଼ିଆ ଜାତୀୟ ଜୀବନର ଐତିହାସିକ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ଦୀର୍ଘ ୩୩ବର୍ଷର ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିଥିଲେ ସେହି ମହାନ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପବିତ୍ର ୮୯ ତମ ଉତ୍କଳ ଦିବସ ଅବସରରେ ବାଲେଶ୍ୱର ସହରସ୍ଥ ସେହି ସଂଗ୍ରାମୀ ପ୍ରଣମ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଏକ ଆଲୋଚନାଚକ୍ରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବାଲେଶ୍ୱର ବରପୁତ୍ରଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏକ ତାରିଖ ସକାଳେ ଶାଖାର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମବେତ ହୋଇ ପ୍ରଥମେ ଜିଲ୍ଲାସ୍କୁଲ ପରିସରସ୍ଥ କୁଳବୃଦ୍ଧ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ । ଏଥିରେ ଜିଲ୍ଲା ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ କେତେକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏହାପରେ ଫକୀରମୋହନ ଗୋଲେଇ ସ୍ଥିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସମୟରେ ଜିଲ୍ଲାପାଳ, ସଦର ବିଧାୟକ, ଏଡିଏମ ଜେନେରାଲ ମଧ୍ୟ ଯୋଡ଼ି ହୋଇଥିଲେ । ତତ୍ ପରେ କଚେରିହତା ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ, ଗଡ଼ଗଡ଼ିଆ ଘାଟସ୍ଥିତ କବିବର ରାଧାନାଥ ରାୟ ଏବଂ ଟାଉନହଲ ପରିସରସ୍ଥ ମହାରାଜା ବୈକୁଣ୍ଠ ନାଥ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହାପରେ ନୃତ୍ୟ-ସଂଗୀତ କଳାମନ୍ଦିର ସଭାଗୃହରେ ଏକ ଆଲୋଚନାଚକ୍ରରେ ଶାଖାର ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ସଭାପତିତ୍ୱ କରିଥିଲା ବେଳେ ସଂପାଦକ ଡ. କାଳୀପଦ ପଣ୍ଡା ଓ ସଂଗଠନ ସଂପାଦକ ଉତ୍ପଳ କୁମାର ମହାନ୍ତି ଉଦ୍‌ବୋଧନ ଦେଇ ଉତ୍କଳ ପ୍ରଦେଶ ଗଠନରେ ବାଲେଶ୍ୱର ବରପୁତ୍ରଙ୍କ ଅବଦାନ ସଦା ସ୍ମରଣୀୟ ବୋଲି କହିଥିଲେ । କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ରରେ ଯୋଗଦେଇଥିଲେ ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ, ସୁଦର୍ଶନ ଜେନା, ପୀତାମ୍ବର ଦାସ, ଦାମୋଦର ନାୟକ, ବିଜୟ କୁମାର ମହାକୁଡ଼, ରାଜେନ୍ଦ୍ର ରାଉତ, ଭୁବନାନନ୍ଦ ଦାସ, ସୀତାରାମ ପ୍ରଧାନ, ଗୋପୀକୃଷ୍ଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ରାୟ, ବେଣୁଧର ସାହୁ, ଡ. ପ୍ରଦୀପ୍ତ କୁମାର ମିଶ୍ର,ଜତୀନ୍ଦ୍ର କୁମାର ପୁହାଣ, ଗୋପାଳ ଚନ୍ଦ୍ର ନାୟକ, ଦୁକୁଳ ଚନ୍ଦ୍ର ଘଡ଼ାଇ, ସତ୍ୟେନ୍ଦ୍ର କୁମାର ଦାସ, ରତ୍ନାକର ଦାସ, ସରସ୍ୱତୀ ପଣ୍ଡା, ସ୍ନେହଲତା ଦାଶପତି, ସଂଯୁକ୍ତା ବେହେରା, ପ୍ରତିମା ପରିଡ଼ା, ରଜତ କୁମାର ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ପି. ସୁସ୍ମିତା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ସାହୁ, ରବି କୁମାର ପାଣିଗ୍ରାହୀ, ଭାରତ ଭୂଷଣ ଦାସ, ନିରଂଜନ ପରିଡ଼ା, ଫାଲ୍‌ଗୁନୀ ସାହୁ, ଦେବବ୍ରତ ନାୟକ ପ୍ରମୁଖ ବହୁବ୍ୟକ୍ତି ।

# ଏପ୍ରିଲ ୨୭ରୁ ମେ ଯାଏଁ କନ୍ଧମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା

କନ୍ଧମାଳ,୦୪/୪ (ନି.ପ୍ର): ଆସନ୍ତା ଏପ୍ରିଲ ମାସ ୨୭ରୁ ମେ ଯାଏଁ ୧୨ଦିନ ବ୍ୟାପୀ ଅନୁଷ୍ଠିତ ହେବ କନ୍ଧମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା । ଫୁଲବାଣୀ କରୋନେସନ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ଆୟୋଜନ ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ, ବନାନୀ କଳା ସଙ୍ଗମ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା କମିଟିର ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହୋତ୍ସବକୁ ଅଧିକ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଉପସ୍ଥିତ ଥିବା କମିଟିର ଉପଦେଷ୍ଟା ତଥା ବରିଷ୍ଠ ଆଦିବାସୀ ନେତା, ଆଇନଜୀବି କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଓ ବରିଷ୍ଠ ସାମ୍ବାଦିକ, ତଥା ଜିଲ୍ଲା ନାଗରିକ ମଂଚର ସଭାପତି ଡ. ଅରୂପ ଜେନାଙ୍କୁ ପୁଷ୍ପ ଗୁଚ୍ଛଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ମହୋତ୍ସବ ପରିଚଳନା । କମିଟି ଅଧ୍ୟକ୍ଷ ରାଧା ମୋହନ ମହାପାତ୍ର, ସଂପାଦକ ଡ଼. କାହ୍ନୁ ଚରଣ ଶତପଥୀଙ୍କ ସମେତ ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ଆଦିବାସୀ ଯୁବ ନେତା ସମୀର ଘଟାଲ୍, ଫୁଲବାଣୀକୁଇ ସମାଜ ସମିତି ସମ୍ପାଦକ ଅବନୀ କହଁର , ସମାଜସେବୀ ତଥା ମହୋତ୍ସବ କମିଟି କୋଷାଧକ୍ଷ ପ୍ରସନ୍ନ କୁମାର ସ୍ୱାଇଁ , ବିରେନ୍ଦ୍ର କହଁର, ସୁନିତି ଅକ୍ଷଚାରି, ରୁପମ୍ନିକା ତ୍ରିପାଠୀ, ସରସ୍ୱତୀ ସାହୁ, ସକ୍ଷମ୍ବାଦିକା ତଥା ରେଡିଓ ମୁଷ୍କାନ୍ ର ମୁଖ୍ୟ ସୁଶ୍ରୀ ଶିବାନୀ ସୁଆର, ରୋଟାରୀ କ୍ଲବ୍ ପୂର୍ବତନ ସଭାପତି ଶ୍ରୀମତୀ ବିରାଜିନୀ ମହାପାତ୍ର, ଦିନେଶ ବେହେରା, ମହାଦେବ ସାହୁ, ଖରୁଡା ସଂଘର ସମ୍ପାଦକ ଉମା ଶଙ୍କର,ବଣିକ ସଂଘ ସଭାପତି ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମେଳା ଯେପରି ଶତ ପ୍ରତିଶତ ସଫଳ ହେବ ସେ ନେଇ ସୁଚିନ୍ତିତ ମତାମତ ଦେଇଥିଲେ । କନ୍ଧ ମାଳ ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳା ରେ ପ୍ରାୟ ୨ଶହ ଷ୍ଟଲ କରାଯିବ । ବିଭିନ୍ନ ପ୍ରକକ୍ଷର ବାଇକ୍, ଇ- ବାଇକ୍, ଠାରୁ ଆରମ୍ଭ କରି ଟ୍ରାକ୍ଟର, ଅଟୋ, କକ୍ଷର, ଟିଭି, ଫ୍ରିଜ୍, ଆଲ ମୀରା, ସୋଫା ସେଟ୍, ପମ୍ପ ସେଟ୍ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ସହ ମୀନା ବଜାର, ଘର୍ କରଣ, ଖେଳନା, ଡ୍ରେସ, ଶାଢ଼ୀ ର ଷ୍ଟଲ ମଧ୍ୟ ରହିବ । ଏଥିସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଓ ଆଇସକ୍ରିମ୍, ଲସି, ଥଣ୍ଡା ପାନୀୟ ଷ୍ଟଲ ବି ରହିବ । ପ୍ରତ୍ୟହ ସନ୍ଧ୍ୟାରେ ଲୋକଙ୍କ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି । ମେଳାରେ ଅଧିକରୁ ଅଧିକ ଜନ ସମାଗମ ଯେପରି ହେବ ଓ ବ୍ୟବସାୟ ଯେପରି ହେବ ସେଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱ ଦିଆଯିବ । ଶେଷରେ କମିଟି ଉପ ସଭାପତି ସୁଜିତ କୁମାର ବେହେରା ଧନ୍ୟବାଦ୍ ଦେଇଥିଲେ ।

# ବାଜା ବଜାଇ ବୀର ପୁତ୍ରକୁ ଗ୍ରାମକୁ ପାଛୋଟି ନେଲେ ଗ୍ରାମବାସୀ

ଜଳେଶ୍ୱର,୦୪/୪ (ନି.ପ୍ର): ବାଜା ବଜାଇ ବୀର ପୁତ୍ରକୁ ଗ୍ରାମକୁ ପାଛୋଟି ନେଉଛନ୍ତି ଗ୍ରାମବାସୀ । ସେନା ବାହୀନୀରେ ଦୀର୍ଘ ୨୪ ବର୍ଷ କାର୍ଯ୍ୟକାଳ ସାରି ଅବସର ନେଇ ଘରକୁ ଫେରିଥିବା ଜଣେ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ତରଫରୁ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ପଞ୍ଚାୟତ ଦେବକୁମାର ଗ୍ରାମରେ ।ଗ୍ରାମର ମନୋରଞ୍ଜନ ଗାଁଣ ୨୦୦୧ ମସିହା ମାର୍ଚ୍ଚ ମାସ ୩୧ ତାରିଖରେ ଭାରତୀୟ ସେନା ବାହିନୀରେ ଯୋଗ ଦେଇ କାର୍ଯ୍ୟ କରି ଆସୁଥିଲେ ।ଗତ ୩୧ ମାର୍ଚ୍ଚ ୨୦୨୫ ମସିହାରେ ସେନା ବାହିନୀରୁ ଅବସର ନେଇ ଆଜି ନିଜ ଗାଁକୁ ଫେରିଥିଲେ ।ମନୋରଞ୍ଜନ ଗାଁକୁ ଫେରିବା ପରେ ଗ୍ରାମବାସି ଗାଁର ବୀର ପୁତ୍ରକୁ ସମ୍ବର୍ଦ୍ଧନା ଦେଇଛନ୍ତି ।ପଶ୍ଚିମବାର୍ଡ ଛକ ନିକଟରେ ପହଞ୍ଚିବା ପରେ ଗ୍ରାମବାସୀ ବାଜା ବଜାଇ ବାଣ ଫୁଟାଇ ରୋଶଣି ମାଧ୍ୟମରେ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ ।ମନୋରଞ୍ଜନ ନିଜ ଚାକିରି କାଳ ମଧ୍ୟରେ ଦେଶର ସେନା ବାହିନୀରେ ବିଭିନ୍ନ ୟୁନିଟରେ ରହି କାର୍ଯ୍ୟ କରି ସମସ୍ତ ସାଥୀ ମାନଙ୍କ ଆସ୍ଥା ଭାଜନ ହୋଇ ପାରିଥିଲେ ।ଆଜି ମନୋରଞ୍ଜନ ଗାଁରେ ପହଞ୍ଚିବା ପରେ କିଏ ଖୁସି ରେ କୁଣ୍ଢାଇ ପକାଉଛି ତ ଆଉ କିଏ ଗେହ୍ଲ କରି ପକାଉଛି ।ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ଗାଁ ର ପୁଅକୁ ସମସ୍ତେ ପାଛୋଟି ନେଇଛନ୍ତି ।ମନୋରଞ୍ଜନ ମଧ୍ୟ ଦେଶ ମାତୃକାର ସେବା କରି ନିଜକୁ ଗର୍ବିତ ଅନୁଭବ କରିବା ସହ ସେନାବାହିନୀରେ ଯୋଗଦେବା ପାଇଁ ଗ୍ରାମର ଯୁବକ ମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି କହିଛନ୍ତି ।

# ଜୀ ସାର୍ଥକର ସୁପରହିଟ ଧାରାବାହିକ ଭାଗ୍ୟରେଖା ୩୦୦ ଅଧ୍ୟାୟରେ: କାହାଣୀରେ ନୂଆ ମୋଡ଼ - କ'ଣ ଅଲଗା ହେବେ ଭାଗ୍ୟ ଓ ରେଖା ?



ଭୁବନେଶ୍ୱର,୦୪/୪ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ମନଛୁଆଁ ଧାରାବାହିକ, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ । ଠିକ ସେମିତି ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ 'ଭାଗ୍ୟରେଖା' ଯାହାକୁ ମିଳିଛି ଆପଣଙ୍କ ପାଖରୁ ଅଶେଷ ଭଲପାଇବା । ଆଉ ଆପଣଙ୍କର ସେହି ଭଲପାଇବା ପାଇଁ ଏହା ସଫଳତାର ସହ ୩୦୦ ଅଧ୍ୟାୟ ସମ୍ପୂର୍ଣ କରିଛି । ଏହି ଧାରାବାହିକରେ ଆଗକୁ ଘଟିବାକୁ ଯାଉଛି ଏକ ନୂଆ ଟ୍ୱିଷ୍ଟ । ଶିଖା ଓ ମୋହିନୀ ର ଚକ୍ରାନ୍ତର ଶିକାର ହୋଇ ରେଖାକୁ ଘରୁ ବାହାର କରିଦିଏ ଭାଗ୍ୟ । ଏପଟେ ସୀତା ସତ ର ପର୍ଦ୍ଦାଫାଶ କରିବା ପାଇଁ ଶପଥ ନେଇଛନ୍ତି । ମୋହିନୀ,ଭାଗ୍ୟର ଦ୍ୱିତୀୟ ବିବାହ କରାଇବା ପାଇଁ ଯୋଜନା କରିଛନ୍ତି ।ରେଖା, ଅନେକ ସଂଘର୍ଷ କରି କେମିତି ସେ ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ଲାଗିପଡିଛନ୍ତି । ତେବେ କଣ ଭାଗ୍ୟ ରେଖା ସବୁଦିନ ପାଇଁ ଅଲଗା ହୋଇଯିବେ ? କେମିତି ରେଖା ଏହି ସବୁ ପରିସ୍ଥିତିର ଏକୁଟିଆ ସାମନା କରିବ ? କାହାଣୀରେ କଣ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ ? ସବୁ ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକ ସହିତ ନିଜକୁ ଯୋଡି ହେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ ।

# ଶିଶୁ ପୁସ୍ତକ 'କଥାଟିଏ କହୁଁ ଗପଟିଏ' ଉନ୍ମୋଚିତ ଓ ବସନ୍ତରେ କୁହୁ କୁହୁ କବିତା ଆସର



ବଡ଼ସାହି, ୪/୪ (ନି.ପ୍ର): ବାଣୀପୀଠ ପ୍ରକାଶନୀ ତରଫରୁ ଡ଼କ୍ଟର କୁମାର ବାବୁଲିଙ୍କ ଷଷ୍ଠ ଶିଶୁ ଗଳ୍ପ ସଂକଳନ 'କଥାଟିଏ କହୁଁ ଗପଟିଏ' ମହାସମାରୋହରେ ଉନ୍ମୋଚିତ ହୋଇ ଯାଇଛି। ଏଥି ସହିତ ପିଲାଙ୍କ ପାଇଁ ବସନ୍ତରେ କୁହୁ କୁହୁ କବିତା ଆସର ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ପୁସ୍ତକ ହେଉଛି ସମାଜର ଦର୍ପଣ। ଯାହା ସମାଜର ଅନେକ କଥାକୁ ପ୍ରତିବିମ୍ବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ଼କ୍ଟର ଶଶୀଧର ବିଶ୍ୱାଳ, ଆଦରଣୀୟ ଅତିଥି ଭାବେ ପରିବେଶବିତ୍ ଡ଼କ୍ଟର ରମାକାନ୍ତ ମହାନ୍ତ, ବିଶିଷ୍ଟ ଅତିଥି ଭାବେ ଅଧକ୍ଷା ଡକ୍ଟର ମନ୍ଦାକିନି ସାହୁ ଓ ଶିଶୁସାହିତ୍ୟିକ ପର୍ଶୁରାମ ସାହୁ ଓ ସମ୍ମାନିତ ଅତିଥି ଭାବେ ଆଶୁକବି ବାସୁଦେବ ନାପିତ, କବି ରତିକାନ୍ତ ବେହେରା, ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଏବଂ କବି ନୀରୋଦ ସୁନ୍ଦର ଜେନା ଯୋଗଦାନ କରିଥିବାବେଳେ କବି ଓ ଗୀତିକାର ଶଚୀନ୍ଦ୍ର କୁମାର ବିଶ୍ୱାଳ ପୁସ୍ତକ ସମୀକ୍ଷା କରିଥିଲେ। ବାଣୀପୀଠର ମୁଖ୍ୟ ମାଆ ନିଶାମଣି ରାଉତ ଜଗତର ନାଥ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଶିଶୁ କବିତା ଆସରର ସଂଯୋଜନା ଶିଶୁ ସାହିତ୍ୟକ ଶିବଙ୍କର ଭୂୟାଁ ଓ କବି କାର୍ତ୍ତିକ ସେଠୀ କରିଥିଲେ। ବାଣୀପୀଠର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ବଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ସଂଚାଳନ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଛାତ୍ରୀ ହିତୈଶ୍ରୀ ମାହାର୍ଣ୍ଣା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଅତିଥି ମାନଙ୍କଦ୍ୱାରା ପୁସ୍ତକ ଉନ୍ମୋଚିତ ହୋଇଥିଲା। ସର୍ବଶେଷରେ ଶୁଭଜିତ ଶୁଭଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ତର୍ଜୁମାନ ନିଉଜ ଟାଇମ୍ ପକ୍ଷରୁ ଇଦ୍ ମିଳନ ମୁସାୟାରା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ




ବାଲେଶ୍ୱର, ୪/୪ (ନି.ପ୍ର): ବାଲେଶ୍ୱର ସର୍ବପୁରାତନ ଉର୍ଦ୍ଦୁ ଓ ହିନ୍ଦୀ ନିଉଜ ଚେନାଲ ତର୍ଜୁମାନ ନିଉଜ ଟାଇମ୍ ପକ୍ଷ୍ୟରୁ ବାଲେଶ୍ୱର ପୁଲବଜାର ସ୍ଥିତ କୋହିନୂର କଲ୍ୟାଣ ମଣ୍ଡପରେ ଇଦ୍ ମିଳନ ମୁସାୟାରା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ତର୍ଜୁମାନ ନିଉଜ ଟାଇମ୍ ମୁଖ୍ୟ ସମ୍ପାଦକ ଅଜିମ ବାଲେଶ୍ୱରୀ ଓ ସହ ସମ୍ପାଦିକା ରାବିଆ ଅଜିମିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଅତିଥି ଭାବରେ ଦିପ ମହିଳା ସମିତିର ସଭାପତି ଲକ୍ଷ୍ମୀ ଦିଦି ଖଡ଼ଗପୁର, ତର୍ଜୁମାନ ନିଉଜ ଟାଇମ୍ସର ଖଡ଼ଗପୁର ପ୍ରତିନିଧି ଏସ ଏ ଖାନ ସାହେବ ଯୋଗଦେଇଥିଲେ। ଏହି ଇଦ୍ ମିଳନ ମୁସାୟାରାରେ ସଭାପତି ଭାବରେ ବଲାଙ୍ଗି ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ରତ୍ନାକର ସିଂହ ସଭାପତିତ୍ୱ କରିଥିଲେ। ମୁସାୟାରର ସଂଯୋଜନା କଲିକତାରୁ ଆସିଥିବା ଉର୍ଦ୍ଦୁ ଓ ହିନ୍ଦୀର ବରିଷ୍ଠ କବି ଆଡଭୋକେଟ ସକୀଲ ଗଣ୍ଡଭୀ ଓ ତର୍ଜୁମାନ ନିଉଜ ଟାଇମ୍ସର ମେନେଜି ଏଡ଼ିଟର ମଧୁସୂଦନ ମିଶ୍ର ସମ୍ପାଦନା କରିଥିଲେ। ଅତିଥି କବି ଓ ସାୟାର ଭାବେ କଲିକତାର ସୁନାମଧନ୍ୟ ଉର୍ଦ୍ଦୁ ସାୟାର ଇରସାଦ ମଜହରୀ ଖଡ଼ଗପୁରରୁ ଉମେସ ପ୍ରସାଦ ଫିକର ଭଦ୍ରକରୁ ତଫିକ ସାଗର ବାଲେଶ୍ୱରରୁ ରୁକେୟା ଜମାଲ ଏସ ଗିତାଞ୍ଜଲୀ ଗଗନ କୁମାର ସେଠୀ ପ୍ରବିର କମିଲା ସୁବାସ ସ୍ୱାଇଁ ମହମ୍ମଦ ସର୍ଫୁଦ୍ଦିନ ମହମ୍ମଦ ସଲାମୁଲ୍ଲା ଓ ସିରାଜରାଜା ସୟିଫି ଯୋଗଦେଇ ନିଜନିଜର ସ୍ୱରଚିତ କବିତା ପାଠ କରି ଦର୍ଶକମାନଙ୍କ ମନକୁ ଜିଣିନେଇଥିଲେ। ସମ୍ମାନିତ ଅତିଥିଭାବେ ହାଜି ମଇନୁଲ ଇସଲାମ ହାଜି ସେକ ଜମାଲ ହାଜି କାମାଲ ଜାଫର ଓକିଲ ସେକ ଉମରଉଦ୍ଦିନ ସଲିମ ସୁବାସା ଇନ୍ତେଖାବ ଅଲ୍ଲୀ ଖାନ ହାଜି ସଦ୍ଦିରୁଦ୍ଦିନ ଓ ମହମଦ ମୁନିଫ ଉପସ୍ଥିତ ରହି ତର୍ଜୁମାନ ନିଉଜ ଟାଇମ୍ସର ଏହିଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଅନଲାଇନ ନାତିଆ କମ୍ପିଟିସନରେ ଭାଗନେଇଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଏହିସମୟରେ ତର୍ଜୁମାନ ନିଉଜ ଟାଇମ୍ସ ପକ୍ଷ୍ୟରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଷ୍ଟର ସାଦିକ ଅଲ୍ଲୀ ଖାନଙ୍କୁ ଜିବନ ବ୍ୟାପି ସମ୍ମାନ ଓ ଗିତାଞ୍ଜଳୀ ପିସ୍ ଫାଉଣ୍ଡେସନର ଅଧଖ୍ୟା ଏସ ଗିତାଞ୍ଜଳୀ ଦିପ ମହିଳା ସମିତିର ଅଧଖ୍ୟ ଲକ୍ଷ୍ମୀ ଦିଦି ସମାଜସେବି କେଟି ମେରାଇନର ଅଧଖ୍ୟ ହାଜି ମଇନୁଲ ଇସଲାମ ସମାଜ ସେବୀ ସେକ ଅନିସୁଦିନ ବାଲେଶ୍ୱର ମୁସଲିମ ଉୟେଲଫେୟାର ସୋସାଇଟି ସଭାପତି ମହମ୍ମଦ ମୁକତାର ଏହମଦ ଓ ସମାଜସେବୀ ହାଜି ମୁକତାର ଖାନଙ୍କ ସମାଜ ପ୍ରତି ଉତସର୍ଗୀକୃତକୁ ସମ୍ମାନ ଜଣାଇ ମାନପତ୍ର ସହିତ ପୁସ୍ପତୋଡା ଦେଇ ସମ୍ମାନୀତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ତର୍ଜୁମାନ ନିଉଜ ଟାଇମ୍ସ ପକ୍ଷ୍ୟରୁ ପବିତ୍ର ରମଜାନ ମାସରେ ସର୍ବ ଭାରତୀୟ ଅନଲାଇନ ନାତିଆ କମ୍ପିଟିସନ କରାଯାଉଅଛି ଏହିକ୍ରମରେ ଏ ବର୍ଷ ନାତିଆ ମୁକାବିଲାର ସିଜନ୬ ଆୟୋଜନ କରାଯାଇଥିଲା ଏଥିରେ ଭାଗନେଇଥିବା ବିଜେତା ପ୍ରତିଯୋଗିଙ୍କୁ ପୁରସ୍କାର ରାଶି ସହିତ ମମେନଣ୍ଟ ଦେଇ ସମ୍ମାନୀତ କରାଯାଇଥିଲା ଅନିଶା ଖାତୁନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସେକଏଜାଜୁଦ୍ଦିନ ସେକ ଅବଦୁଲ ଇରଫାନ ତସିଫ ଆଲମ ଫଲକ ଏହମଦ ଓ ମହମଦ ମଇନୁଲ ହକ ପ୍ରମୁଖ ସହୋଯୋଗ କରି ସଭାଟିକୁ ସାଫଲ୍ୟ କରିଥିଲେ।

## ଶହୀଦ ରଘୁ-ଦିବାକରଙ୍କ ଆତ୍ମ ବଳିଦାନ ଅତୁଳନୀୟ

ଭୁବନେଶ୍ୱର, ୪/୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରଣପୁର ପ୍ରଜା ଆନ୍ଦୋଳନରେ ଶହୀଦ ହୋଇଥିବା ଯୁବ ଅମ୍ଳାନ କବି, ବିପ୍ଲବୀ, ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଶହୀଦ ରଘୁ-ଦିବାକରଙ୍କ ୮୫ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ରଘୁ-ଦିବାକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ତଥା ସଂଯୋଜକ ଭାବରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂଗଠନର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ପ୍ରାଣ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବରେ ସରକାରଙ୍କ ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ, ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହିବା ସହ ଶହୀଦଙ୍କ ଦେଶ ମାତୃକା ପ୍ରତି ଥିବା ସମର୍ପିତ ପ୍ରାଣ, ନିଷ୍ଠା ତଥା ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ।

# କାଇପଦର ଗ୍ରାମର ୧୫୪ତମ ବାଦ ପାଲା ଅନୁଷ୍ଠିତ



ଖୋର୍ଦ୍ଧା, ୪/୪ (ନି.ପ୍ର): ଖୋର୍ଦ୍ଧାଜିଲ୍ଲା ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମର ୧୫୪ତମ ବାଦ ପାଲା ଆରମ୍ଭ ହୋଇଯାଇଛି। ସ୍ଥାୟୀ ମନ୍ଦିରରେ ପ୍ରଭୁ ସତ୍ୟ ନାରାୟଣ ୩ ଫୁଟ ପଥର ମୂର୍ତ୍ତି ବିରାଜ ମାନ। ତା ୩୧,୦୩, ରେ ପ୍ରତି ବର୍ଷ ପରି ଠାକୁରଙ୍କ ଜନ୍ମ ପାଲା(ଅଧିବାସ ପାଲା )ପ୍ରତିଷ୍ଠାତା ଇଶ୍ୱର ଚନ୍ଦ୍ର ମଙ୍ଗରାଜ ତାଙ୍କ ସ୍ୱର୍ଗତ ଜ୍ୟେଷ୍ଠ ଭ୍ରାତା ଅପର୍ତି ମଙ୍ଗରାଜ ସ୍ମୃତିରେ କରି ଥାଆନ୍ତି। ଗ୍ରାମର ପାଲା କମିଟି ପ୍ରତିବର୍ଷ ତା ୦୧.୪. ଠାରୁ ୭ ଦିନ ବାଦ ପାଲା କରି ଆସୁ ଅଛନ୍ତି। ଏହିଁ ବାଦ ପାଲା ସମସ୍ତ ଖର୍ଚ୍ଚ ଗ୍ରାମ ବାସୀ ଦାନରେ ଖର୍ଚ୍ଚ କରି ଥାଆନ୍ତି। ଅଧିବାସ ପାଲା, ତଥା ଠାକୁର ବସାଇବା ଦିନଠାରୁ ଜନ୍ମ ପାଲା ସମସ୍ତ ଖର୍ଚ୍ଚ ଗ୍ରାମର ପୁତ୍ର ଇଶ୍ୱର ଚଂଦ୍ର ମଙ୍ଗରାଜ ପୁର୍ବତନ ସ୍ୱାସ୍ଥ୍ୟ ଶିକ୍ଷା ଓ ଚିକିତ୍ସା ପର୍ଯ୍ୟବେକ୍ଷକ ଓଡ଼ିଶା ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସମସ୍ତ ଖର୍ଚ୍ଚ କରି ଥାଆନ୍ତି। ଉକ୍ତ ବର୍ଷ ଜନ୍ମ ପାଲା ସ୍ୱର୍ଗତ (ଅପର୍ତ୍ତି ମଙ୍ଗରାଜ ସ୍ମୃତି ପାଲା) ଅଧିବାସ ବାଦ ପାଲା ଗାୟକ ଶ୍ରୀଯୁକ୍ତ ସୁବାସ ଚଂଦ୍ର ଶତପଥୀ ଓ ସାଥୀ ପରିବେଷଣ କରି ଥିଲେ। ବାଦ ପାଲା ଆରମ୍ଭ ଦିନ ମନ୍ଦିର ସତ୍ୟ ନାରାୟଣ ପୂଜା ଅର୍ଚ୍ଚନା,ହୋମ, ଆଦି ନଷ୍ଠିକ ବ୍ରାହ୍ମଣ ରବି ମିଶ୍ର କୁଳପୁରୋହିତ ଓ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଇଶ୍ୱର ଚଂଦ୍ର ମଙ୍ଗରାଜ ତାଙ୍କ ସହଧର୍ମିଣୀ ଶ୍ରୀମତୀ ବିନୋଦିନୀ ମଙ୍ଗରାଜ କର୍ତ୍ତା ଭାବେ ବସି ଥିଲେ। ଉକ୍ତ ବାଦ ପାଲା କାଇପଦର ସତ୍ୟପୀର ପାଠ ଗ୍ରାମ ବାସୀ ଏକତାର ପ୍ରତୀକ। ଉକ୍ତ ବର୍ଷ ବାଦ ପାଲା ଦୁଇ ଦଳ ମଧରେ କରା ଯାଉଛି ।୧. ଗାୟେକ୍ ପିୟୁସ ଶ୍ରୀଯୁକ୍ତ ସତ୍ୟନାରାୟଣ ଜେନା ଓ ସାଥୀ ବଡମ୍ବା ନରସିଂହପୁର, ଜିଲ୍ଲା କଟକ ,ବନାମ ୨.ଗାୟେକ ଜ୍ଞାନସୁଧା ଶ୍ରୀଯୁକ୍ତ ସାରାଦା ପ୍ରସନ୍ନ ନାୟକ ଓ ସାଥୀ ଅରପୁର୍ ବାଙ୍କୀ ଜିଲ୍ଲା କଟକ। ପ୍ରକାଶ ଥାଉକି ଏହି କଇପଦର୍ ପାଲା ତିର୍ଦ୍ଧି ୧୮୭୨ରୁ ଆରମ୍ଭ ଓଡ଼ିଶା ର ଦ୍ୱିତୀୟ ଦୋଳବେଦୀରେ ପାଲାର ନବ ଜାତକ ପାଲା ତୀର୍ଦ୍ଧ ପ୍ରାୟୋଜିତ। ଉକ୍ତ ବାଦ ପାଲା ପ୍ରତିବର୍ଷ କରାଯାଉଅଛି। ଏକ ପାଲା କମିଟି କରାଯାଇ ସମସ୍ତ ବିଷୟ କୁ ପରିଚାଳିତ କରନ୍ତି। ଯାହା ଯୋଗୁ କାଇପଦର ଧନୀ ମାନି ଗରିବ ସମସ୍ତେ ସହୋଜଗ କରି ଆସୁଛନ୍ତି ଓ ଗ୍ରାମ ବସୀ ସତ୍ୟ ନାରାୟଣ ଯୋଗୁ ସୁଖରେ ଅତିବାହିତ କରୁଛନ୍ତି।

# ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ୫ମ ଇଣ୍ଟର ଡିପାର୍ଟମେଣ୍ଟ ଓ ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା

## ଦ୍ୱିତୀୟ ଦିନରେ ମେଡିକାଲ ବିଭାଗ, ଟ୍ରାଫିକ ବିଭାଗ, ଇ ଏଣ୍ଡ ଏମ ବିଭାଗ ବିଜୟୀ



ପାରାଦ୍ୱୀପ , ୪/୪ (ନି.ପ୍ର): ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୫ମ ଇଣ୍ଟର୍ ଡିପାର୍ଟମେଣ୍ଟ କ୍ରିକେଟ ପ୍ରତିଯୋଗିତାର ଦ୍ୱିତିୟ ଦିନ ପ୍ରଥମ ମ୍ୟାଚରେ ମେଡିକାଲ ବିଭାଗ ଅର୍ଥ ବିଭାଗକୁ ୬୪ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ମେଡିକାଲ ବିଭାଗର ୧୩୦ ରନର ଲକ୍ଷ୍ୟକୁ ପିଛା କରି ଅର୍ଥ ବିଭାଗ କେବଳ ନିର୍ଧାରିତ ଓଭରରେ ୬୫ ରନ କରି ପାରିଥିଲା । ୨ୟ ମ୍ୟାଚରେ ଟ୍ରାଫିକ ବିଭାଗ ୩୨ ରନରେ ମେରାଇନ୍ ବିଭାଗକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଟ୍ରାଫିକ ବିଭାଗର ୮୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମେରାଇନ୍ ବିଭାଗ ନିର୍ଧାରିତ ଓଭରରେ ୯ ଉଇକେଟ ହରାଇ ମାତ୍ର ୪୯ ରନ କରିଥିଲା । ଟ୍ରାଫିକ ବିଭାଗ ତରଫରୁ ଶିବ ଶଙ୍କର ମହାପାତ୍ର ୪ଟି ଉଇକେଟ୍ ନେଇଥିଲେ । ଆଜିର ତୃତୀୟ ମ୍ୟାଚରେ ଇ ଏଣ୍ଡ ଏମ ବିଭାଗ ୪୨ ରନରେ ଇଞ୍ଜିନିଇରିଂ ବିଭାଗକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଇ ଏଣ୍ଡ ଏମ ବିଭାଗ ୫ ଉଇକେଟ ହରାଇ ୧୨୭ ରନ କରିଥିବା ବେଳେ ଜବାବରେ ୧୨୮ ରନକୁ ପିଛା କରି ଇଞ୍ଜିନିଇରିଂ ବିଭାଗ ନିର୍ଧାରିତ ଓଭରରେ ୭ଟି ଉଇକେଟ ବିନିମୟରେ ୮୬ ରନ କରିଥୀଲା। ସେହିପରି ଗତକାଲି ତୃତୀୟ ମ୍ୟାଚରେ ପ୍ରସାଶନିକ ବିଭାଗ ଅର୍ଥ ବିଭାଗକୁ ୧୦ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଅର୍ଥ ବିଭାଗ ନିର୍ଦ୍ଧାରିତ ୧୦ ଓଭରରେ ୭୪ ରନ କରିଥିଲା ଓ ୭୫ ରନର ଲକ୍ଷ୍ୟକୁ ବିନା କୌଣସି ଉଇକେଟ ହରାଇ ମାତ୍ର ୫.୧ ଓଭରରେ ପ୍ରସାଶନିକ ବିଭାଗ ଲକ୍ଷ ହାସଲ କରିନେଇଥିଲା ।

**AFFIDAVIT**

An affidavit before the executive Magistrate Balasore, I, Ritarani Pal, aged 51 years, W/o- Subhasish Parida, of At/Po- Dubulagadi, P.S-Marine, Bahabalpur, Dist-Balasore do solemnly affirm and state that, I use & sign my name for all purpose as RITARANI PAL, W/o-Subhasish Parida, which is recorded in my Aadhaar No-8389 8365 8901 & Pan No-CLCPP7915A. I am owner of one vehicle NEW PLEASURE PLN Regd. No- ODO1A 2371, in which as owner my name is recorded as RITARANI PARIDA, W/o - Subhasish Parida. The name RITARANI PARIDA & RITARANI PAL both as W/o-Subhasish Parida & D/o-Dulal Ch. Pal are of one & same person.

Ritarani Pal

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ଶୁଭାରମ୍ଭ...

ତେବେ ଗତ ୨୧ ମାର୍ଚ୍ଚରେ ରାଜ୍ୟରେ ଆୟୁଷ୍ମାନ ଭାରତକୁ ମିଳିଥିଲା କ୍ୟାବିନେଟ ମଞ୍ଜୁରୀ । ଏନେଇ ଗୃହରେ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଫଳରେ ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁ ହେବ । ଏହି ଯୋଜନା ଦ୍ୱାରା ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷର କ୍ୟାସଲେସ୍ ଚିକିତ୍ସା ସୁବିଧା ମିଳିବ । ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି । ସେହିପରି ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ ବୟୋ-ବନ୍ଦନା ଲାଗୁ କରାଯିବ । ତେବେ ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତ୍ତମାନ ଭଳି ଜାରି ରହିବ ।

### ୱକ୍ଫ ବିଲକୁ ନେଇ ...

ଉପରେ ନବୀନଙ୍କର ଆଉ କର୍ତ୍ତୃତ୍ୱ ନାହିଁ' । ନେତା ଓ କର୍ମୀଙ୍କ ଆସ୍ଥା ହରାଇଲା ପରେ ସେ ଦଳର ଭବିଷ୍ୟତ ଅନ୍ଧାକାରକୁ ଚାଲିଯିବ । ବିଜେଡି ଏବେ ଫାଳ ଫାଳ । ରାଜ୍ୟସଭାରେ ୱକଫ୍ ବିଲ୍ ଭୋଟିଂ ପରେ ଏ ଚିତ୍ର ଜଳ ଜଳ । ବରିଷ୍ଠଙ୍କ ଶଙ୍କା- ହୋଇଯାଇନି ତ ଭିତରେ କିଛି ଖେଳ ? ସମୟ- ଗତକାଲି ସନ୍ଧ୍ୟା ୫ଟା ୫୯ । ସଂସଦର ଉଚ୍ଚ ସଦନରେ ବହୁଚର୍ଚ୍ଚିତ ୱକଫ ବିଲ୍‌କୁ ନେଇ ଖୋଦ୍ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ସାଂସଦ ସସ୍ମିତ ପାତ୍ରଙ୍କ ସୋସିଆଲ ମିଡିଆରେ ଗତକାଲିର ଏ ପୋଷ୍ଟ ପରଠୁ ରାଜ୍ୟ ରାଜନୀତିରେ ସୃଷ୍ଟି ହୋଇଛି ହଲଚଲ୍ । ତା ପୁଣି ହାଉସରେ ବିଲ୍ ବିରୋଧରେ ରାଜ୍ୟସଭାରେ ଦଳର ଜଣେ ସଂଖ୍ୟାଲଘୁ ସଂପ୍ରଦାୟକ ସାଂସଦ ମୁନ୍ନା ଖାଁଙ୍କ ବକ୍ତବ୍ୟ ପରେ। ଯେଉଁ ସସ୍ମିତ୍ ଗତ ୧ ତାରିଖରେ ୱକଫ୍ ବିଲ୍‌କୁ ବିଜେଡି ଆଦୌ ସମର୍ଥନ କରିବନି ବୋଲି ଖୋଲାଖୋଲି କହିଥିଲେ, ହଠାତ୍ କାଲି ଏଭଳି ଟ୍ୱିଟ୍ କଲେ କାହିଁକି ? ୱକଫ୍ ବିଲ୍ ଉପରେ ଦଳ ପକ୍ଷରୁ କୌଣସି ହ୍ୱିପ୍ ଜାରି କରାଯାଇନି ଓ ଦଳର ସଦସ୍ୟମାନେ ନିଜ ବିବେକ ଅନୁଯାୟୀ ମତ ଦେଇ ପାରିବେ ବୋଲି ସସ୍ମିତଙ୍କ ଏଭଳି ଲେଖା ପରେ ପ୍ରଶ୍ନ- ହଠାତ୍ କ'ଣ ଘଟିଲା, ଯେ ମାତ୍ର ୨୪ ଘଣ୍ଟାରେ ବିଜେଡି ୟୁ ଟର୍ଣ୍ଣ ନେଇଗଲା ? ଏଥିରୁ ସ୍ପଷ୍ଟ ରାଜ୍ୟସଭାରେ ୱକଫ୍ ବିଲ୍ ସପକ୍ଷରେ ଭୋଟ୍ ଦେଇଛନ୍ତି ବିଜେଡି ସାଂସଦ ସସ୍ମିତ୍ ପାତ୍ର । ତାହେଲେ କ'ଣ ରହିଥିବ ଦଳର ଅନ୍ୟ ୬ ସାଂସଦଙ୍କ ମତ ? ବିଚାରକୁ ନେଲେ ଗୋଳମାଳିଆ ସ୍ଥିତି ଭିତରେ- ଯେହେତୁ ମୁନ୍ନା ଖାଁ ବିଲ୍ ବିରୋଧରେ ଗୃହରେ କଡ଼ା ମତ ରଖିଥିଲେ ତେଣୁ ତାଙ୍କ ଭୋଟ୍ ବି ବିପକ୍ଷରେ ଯାଇଥିବ । କିନ୍ତୁ ନିରଞ୍ଜନ ବିଶି, ସୁଲତା ଦେଓ, ମାନସ ମଙ୍ଗରାଜ ଓ ଶୁଭାଶିଷ ଖୁଣ୍ଟିଆଙ୍କ ମତ ଅସ୍ପଷ୍ଟ ରହିଛି । ହେଲେ ଏସବୁ ଭିତରେ ପୁରା ଘଟଣାକ୍ରମକୁ ଅଧିକ ରୋଚକ କରିଛି ମତଦାନରୁ ବିରତ ରହିଥିବା ଦଳର ଅନ୍ୟ ଜଣେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବଡ଼ ବୟାନ । ଦେବାଶିଷ ସୂଚନା ଦେଇ କହିଛନ୍ତି- ଦଳ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ସେ କାଲି ଭୋଟ୍ ଦେଇନାହାନ୍ତି। ତେଣୁ ଦେବାଶିଷଙ୍କ ଏଭଳି ଅସନ୍ତୋଷ ପରେ ପ୍ରଶ୍ନ- ସସ୍ମିତ୍ ତାଙ୍କ ପୋଷ୍ଟରେ ଯାହା ଲେଖିଛନ୍ତି- ତାହା ବିଜେଡିର ନିଷ୍ପତ୍ତି ତ ? ଏହାର ବଡ଼ କାରଣ ସାଜିଛି ବିଜେଡିର ଏସବୁ ଘଟଣାକ୍ରମ- ଯେମିତିକି ମାର୍ଚ୍ଚ ୨୯-୨୦୨୫, ବିଜେଡିର ଇଫତାର ପାର୍ଟିରେ ନିଜେ ଦଳ ସଭାପତି ନବୀନ ପଟ୍ଟନାୟକ ୱାକଫ୍ ବିଲକୁ ତାଙ୍କ ଦଳ ବିରୋଧ କରିବ ବୋଲି କହିଥିଲେ। ତାର ଦୁଇ ଦିନ ପରେ ଅର୍ଥାତ୍ ଏପ୍ରିଲ୍ ୧ରେ ମଧ ବିଜେଡିର ରାଜ୍ୟସଭାରେ ସଂସଦୀୟ ଦଳ ନେତା ସସ୍ମିତ ପାତ୍ର ସେ କଥା ଦୋହରାଇଲେ। ଆଉ ୩ରେ ବିଲ୍ ଉପରେ ବିତର୍କ ବେଳେ ଜୋରଦାର ବିରୋଧ କରିଥିଲେ ସାଂସଦ ମୁନ୍ନା ଖାଁ। ହେଲେ ସେଦିନ ସନ୍ଧ୍ୟାରେ ପୁରା ଓଲଟାଇ ଦେଲା ସସ୍ମିତ୍ ପାତ୍ରଙ୍କ ଏ ସୋସିଆଲ୍ ମିଡିଆ ପୋଷ୍ଟ। ଯାହାକୁ ନେଇ ଚକିତ ହୋଇ ପଡ଼ିଛନ୍ତି ଦଳର ବହୁ ପୁରୁଖା ନେତା। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତରେ ଶଙ୍ଖ ଭବନରେ ଆଜି ଦଳର ଉପଦେଷ୍ଟା କମିଟି ବୈଠକରେ ଏ ପ୍ରସଙ୍ଗ ଉଠିଥିବା ନେଇ ନେତାମାନେ ସୂଚନା ଦେଇଛନ୍ତି। ଏମିତିକି ୱକଫ ବିଲ୍ ଭୋଟିଂରେ ବିଜେଡି ଦୁଇ ଫାଳ ନେଇ କଡ଼ା ମନ୍ତବ୍ୟ ରଖି ବରିଷ୍ଠ ନେତା ବଦ୍ରି ପାତ୍ର କହିଛନ୍ତି- ୟା ପଛରେ କିଛି ଖେଳ ହୋଇଛି। ନିଜେ ନବୀନ ବାବୁ ଏହାକୁ ବିରୋଧ କରିବାକୁ କହିବା ପରେ ଏଭଳି କେମିତି ହେଲା ବୋଲି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ବଦ୍ରି। ଏମିତି ଖେଳ କିଏ କଲା ତାହା ଖୋଜା ଚାଲିଛି କହିବା ସହ ହୁଇପ୍ କାହିଁକି ଜାରି କରାଗଲାନି, ତାହା ବି ସନ୍ଦେହରେ ବୋଲି ସେ କହିବା ସହ କିଛି ଚାପ ପଡ଼ିଥାଇପାରେ ବୋଲି ମଧ ସନ୍ଦେହ କରିଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି- ୱାକଫ୍ ବିଲକୁ ବିରୋଧ ପାଇଁ ପାର୍ଟିର ସଂସଦୀୟ ଦଳ ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ କେଉଁ ପରିସ୍ଥିତିରେ ତାହା ବଦଳିଗଲା, ସେ ନେଇ ଦଳ ସଭାପତିଙ୍କ ସହ ଆଲୋଚନା କରିବୁ। ସେମିତି ଅନ୍ୟଜଣେ ବରିଷ୍ଠ ନେତା ଶଶିଭୂଷଣ ବେହେରା ବି ୱାକଫ୍ ବିଲ୍ ରେ ଦଳ ସଦସ୍ୟଙ୍କ ଭୋଟିଂ କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ମାନିଛନ୍ତି । ଏଣେ ୱକଫ ବିଲ୍ ଉପରେ ବିଜେଡିର ଭୋଟିଂଙ୍କୁ ନେଇ ତେରଛା ବାଣ ଛାଡ଼ିଛି ବିଜେପି । ଦଳର ନେତା ଅନୀଲ ବିଶ୍ୱାଳ କହିଛନ୍ତି- ବିଜେଡି ସାଂସଦଙ୍କ ଉପରେ ନବୀନଙ୍କର ଆଉ କର୍ତ୍ତୃତ୍ୱ ନାହିଁ' । ୪ରୁ ୫ ମାସ ତଳେ ବିଲକୁ ବିରୋଧ କରିବାକୁ ନବୀନ କହୁଥିଲେ, ହେଲେ ହ୍ୱିପ୍ ଜାରି କଲେ କାଳେ ସାଂସଦ ମାନିବେନି ସେ ଡର ତାଙ୍କୁ ଘାରିଛି । ସେମିତି ବିଧାୟକ ବାବୁ ସିଂ ଆକ୍ଷେପ କରି କହିଛନ୍ତି- ବିଜେଡି ଭିତରେ ଆଉ ସହମତି ନାହିଁ, ଦଳ ଦୁଇଭାଗ ହୋଇଗଲାଣି । ଲୋକଙ୍କ ଆସ୍ଥା ହରାଇଛନ୍ତି, ନେତା ଓ କର୍ମୀଙ୍କ ଆସ୍ଥା ହରାଇଲା ପରେ ସେ ଦଳ ବୁଡ଼ିଯିବ ।

### ୱାକଫ୍ ବିଲ୍‌କୁ ସମର୍ଥନ...

ପାଇଁ ଆରଜେଡିକୁ ଏହାଠାରୁ ଭଳି ଭଲ ସୁଯୋଗ ନମିଳିପାରେ । ଉଭୟ ଲୋକସଭା ଓ ରାଜ୍ୟସଭାରେ ଜେଡିୟୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୱାକଫ ସଂଶୋଧନ ବିଲ୍‌କୁ ସମର୍ଥନ କରିଛି । ୱାକଫ ବିଲ୍ ଗୃହିତ ପାଇଁ ଲୋକସଭାରେ ସଂଖ୍ୟା ଗରିଷ୍ଠତା ନଥିବା ବିଜେପି ପାଇଁ ଜେଡିୟୁ ୧୨ଜଣ ସଭ୍ୟଙ୍କ ସମର୍ଥନ ବେଶ ଗୁରୁତ୍ୱପୂର୍ଣ୍ଣ । ତେବେ ଗତ କିଛି ଦିନ ହେଲା ବିଭିନ୍ନ କାରଣ ନେଇ ବିଜେପି ତୁଙ୍ଗ ନେତୃବୃନ୍ଦଙ୍କ ସହ ନୀତୀଶ କୁମାର କଥାବାର୍ତ୍ତା ବନ୍ଦ ହୋଇଯାଇଥିଲା । ମାତ୍ର କିଛିଦିନ ତଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ବିହାରରେ ଆଗାମୀ ନିର୍ବାଚନ ଏନଡିଏ ନୀତୀଶଙ୍କ ନେତୃତ୍ୱରେ ଲଢ଼ିବ ବୋଲି ବୟାନ ସ୍ଥିତି ବଦଳାଇବାକୁ ସାହାଯ୍ୟ କରିଛି । ଏବର୍ଷ ଶେଷ ସୁଦ୍ଧା ବିହାରରରେ ବିଧାନସଭା ନିର୍ବାଚନ ହେବ । ଏହି ନିର୍ବାଚନରେ ମୁସଲିମ ଭୋଟ ବହୁମାତ୍ରାରେ ହାରଜିତ ନିର୍ଣ୍ଣୟ କରିଥାଏ । ଏପରି ସ୍ଥିତିରେ ଗତ କିଛି ବର୍ଷ ହେଲା ବିଜେପି ସହ ମେଣ୍ଟ ଥିଲେ ମଧ ନୀତିଶ କୁମାରଙ୍କ ସେକ୍ୟୁଲାର ବ୍ୟକ୍ତିତ୍ୱ ଯୋଗୁଁ ମୁସଲମାନ ଭୋଟ ପାଇବାରେ ସଫଳ ହେଉଥିଲା । ମାତ୍ର ୱାକଫ୍ ବିଲ୍‌କୁ ସମର୍ଥନ ଫଳରେ ଜେଡିୟୁ ଏହି ଭୋଟ ବ୍ୟାଙ୍କ ପ୍ରଭାବିତ ହେବା ଆଶଙ୍କା ରହିଛି । ଯାହାର ପ୍ରତିଫଳନ ଜେଡିୟୁର ୪ଜଣ ମୁସଲିମ ନେତାଙ୍କ ଇସ୍ତଫା ଦର୍ଶାଉଛି । ଆଉ ଏଥିରୁ ଫାଇଦା ଉଠାଇବାକୁ ସତେ ଯେପରି ଆରଜେଡି ଚାହିଁ ବସିଛି ।

### ପଦରୁ ଓହରିଲେ...

ଅଞ୍ଚଳର ହେବା ରାଜନୈତିକ ଦୃଷ୍ଟିରୁ ଠିକ୍ ନୁହେଁ । ତେଣୁ ଆନ୍ନାମଲାଇ ଇସ୍ତଫା ଦେଇଥିବା ଚର୍ଚ୍ଚା । ବିଗତ ବର୍ଷରେ ଆନ୍ନାମଲାଇଙ୍କ ନେତୃତ୍ୱ ବଳରେ ବିଜେପିର ଭୋଟ୍ ସେୟାର ବୃଦ୍ଧି ପାଇଛି । ଯାହାର ୧୮.୨୩% ପହଞ୍ଚିଛିଛି । ବିଧାନସଭାରେ ମାତ୍ର ୪ଟି ଆସନ ଥିଲେ ମଧ ରାଜ୍ୟରେ ବିଜେପିକୁ ଗୋଟିଏ ବଡ ରାଜନୈତିକ ଦଳ । ପ୍ରତ୍ୟେକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କୁ ଦୃଢ ଜବାବ ଦବାରେ ଆନ୍ନାମଲାଇ ଖୁବ ଚଞ୍ଚଳ । ଚେନ୍ନାଇ ବିଶ୍ୱ ବିଦ୍ୟାଳୟ ଛାତ୍ରୀ ନିର୍ଯାତନା ପ୍ରସଙ୍ଗରେ ନିଜକୁ ଚାବୁକରେ ପିଟି ଆନ୍ନାମଲାଇ ଖୁବ ଚର୍ଚ୍ଚାରେ ଥିଲେ । ଆନ୍ନାମଲାଇଙ୍କ ଅପସାରଣ ତାମିଲନାଡୁ ବିଜେପି କ୍ୟାଡର ଉପରେ ନକରାତ୍ମକ ପ୍ରଭାବ ପକାଇପାରେ।

### ବଢ଼ିଲା ଯାତ୍ରା...

ବୈଠକରେ ହୋଇଛି ମିଳିତ ନିଷ୍ପତ୍ତି । ଅଶାଳୀନ ମନ୍ତବ୍ୟ ଏବଂ କୌଣସି ଆଧାର ନଥିବା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେବା ସହ ବିବାଦ ସୃଷ୍ଟି କରୁଥିବା ଦର୍ଶାଇ ୧୩ଟି ଯାତ୍ରା ପାର୍ଟି ମାଲିକ ଏଭଳି ନିଷ୍ପତ୍ତି ଶୁଣାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ୨୦୨୫-୨୦୨୬ ପାଇଁ ତୁଳସୀ ଗଣନାଟ୍ୟ ସହ ୧୬ ଲକ୍ଷ ଟଙ୍କାରେ ଚୁକ୍ତି କରିଥିଲେ ନରି ପଣ୍ଡା । ୨ଟି ପର୍ଯ୍ୟାୟରେ ୧୦ ଲକ୍ଷ ନେଇଥିବାବେଳେ ବଳକା ୬ ଲକ୍ଷ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ଧଳଙ୍କୁ ଫୋନ କରି ମାଗିଥିଲେ ନରିଙ୍କ ପତ୍ନୀ । ଏହି ସମୟରେ ପତ୍ନୀଙ୍କୁ ଖରାପ ବ୍ୟବହାର କରିଥିବା ନରି ଅଭିଯୋଗ କରିଥିଲେ । ଗତ ମାର୍ଚ୍ଚ ୨୯ରେ ଯାଜପୁରରେ ନରିଙ୍କୁ ପ୍ୟାଣ୍ଟ ସାର୍ଟ ଖୋଲି ଅନନ୍ତ ମାଡ଼ ମାରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା ।ଏହାପରେ ସୁରକ୍ଷା ଲୋଡ଼ି ଗତ ମାର୍ଚ୍ଚ ୩୧ ବିଳମ୍ବିତ ରାତିରେ ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ଅନଲାଇନରେ ଏତଲା ଦେଇଥିଲେ ନରି । ନରି କହିଥିଲେ, ଯଦି ନ୍ୟାୟ ନ ମିଳେ, ଯାତ୍ରା ଜଗତରୁ ସନ୍ନ୍ୟାସ ନେବେ । ନରିଙ୍କ ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲେ ତୁଳସୀ ଗଣନାଟ୍ୟ ମାଲିକ । କହିଥିଲେ, ବର୍ଷକ ପାଇଁ ଚୁକ୍ତି କରି ଅଗ୍ରୀମ ନେଇଥିବା ନରି ଏବେ ନଆସିବାକୁ ବାହାନାକରି ଏଭଳି ଅଭିଯୋଗ ଆଣୁଛନ୍ତି । ଏହି ଘଟଣାର ୪ ଦିନ ଭିତରେ ଆଜି ନରି ପଣ୍ଡାଙ୍କୁ ଯାତ୍ରା ପାର୍ଟି ମାଲିକ ସଂଘ ବୟକଟ୍ କରିଥିବାବେଳେ ନରି ପଣ୍ଡା କହିଛନ୍ତି, ନ୍ୟାୟ ପାଇଁ ସଂଗ୍ରାମ ଜାରି ରହିବ । ଯାତ୍ରା କଳାକାର ସଂଘ ଯାହା ନିଷ୍ପତ୍ତି ନେବା କଥା ନେବ । ସତ୍ୟ ସାମ୍ନାକୁ ନଆସିବା ଯାଏଁ ମୁହଁରେ ପାଉଡ଼ର ଲଗାଇବେନି କହିଛନ୍ତି ନରି ପଣ୍ଡା । ଯାତ୍ରା ପାର୍ଟି ମାଲିକ ବନାମ କଳାକାର ବିବାଦ ସହ ଯାତ୍ରା ପାର୍ଟି କର୍ମଚାରୀଙ୍କ ଦରମା ବୃଦ୍ଧି ଦାବି ଭଳି ଏକାଧିକ ପ୍ରସଙ୍ଗରେ ବସଥିଲା ୧୩ଟି ଯାତ୍ରା ମାଲିକଙ୍କ ମିଳିତ ବୈଠକ ହୋଇଥିଲା । ସେହି ବୈଠକରେ ନରି ପଣ୍ଡାଙ୍କୁ ବୟକଟ ନିଷ୍ପତ୍ତି ତ ନିଆଯାଇଥିଲା । ଏଣେ ସୋସିଆଲ୍ ମିଡ଼ିଆରେ ସାମ୍ନାକୁ ଆସିଛି ଅଭିନେତା ପୀୟୁଷ ତ୍ରିପାଠୀଙ୍କ ବାପା ନଗେନ୍ଦ୍ରନାଥ ତ୍ରିପାଠୀଙ୍କ ଚିଠି । ଯାହାକୁ ନେଇ ବଢ଼ିଛି ଚର୍ଚ୍ଚା ।

### ଭାରତ ଯୋଜନାରେ ...

ଲାଲପୁର ଓ ଚିରୌନ୍ଦୀରେ ଏହି ରେଡ୍ ଚାଲିଛି । ସଂସଦରେ ଆୟୁଷ୍ମାନ ଭାରତ ଯୋଜନା ଉପରେ ଉପସ୍ଥାପିତ ହୋଇଥିବା ଭାରତର ନିୟନ୍ତ୍ରକ ମହାଲେଖା ପରୀକ୍ଷକର ରିପୋର୍ଟରେ କହାଯାଇଛି ଯେ, ଝାରଖଣ୍ଡରେ ବିଭିନ୍ନ ପ୍ରକାରର ଦୁର୍ନୀତି ହୋଇଛି । 'ମୃତ ଲୋକମାନଙ୍କ ଚିକିତ୍ସା' କରାଯାଇଥିବା କୁହାଯାଇଛି । ଏହି ରହସ୍ୟ ଉନ୍ମୋଚନ ପାଇଁ ଇଡି ତଦନ୍ତ ଆରମ୍ଭ କରିଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓଡ଼ିଆରେ ନାମ ଫଳକ ଅଭିଯାନ ସମ୍ପର୍କିତ ସଚେତନତା ପଦଯାତ୍ରା

ବାରିପଦା , ୪/୪ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୪ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ ୪ତାରିଖ ଓଡ଼ିଆରେ ନାମ ଫଳକ ଅଭିଯାନ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଆନୁକୂଲ୍ୟରେ ଓଡ଼ିଆରେ ନାମ ଫଳକ ଅଭିଯାନ ସମ୍ପର୍କିତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ପଦ ଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ପ୍ରତ୍ୟେକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ସେମାନଙ୍କ ଦୋକାନ ଓ ପ୍ରତିଷ୍ଠାନ ର ନାମ ଫଳକ ଗୁଡିକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ପାଇଁ ବାର୍ତ୍ତା ପ୍ରଚାର କରିବା ସହିତ ଏହାର ଉଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆର୍ଥିକ ଜୋରିମାନା ସମ୍ବନ୍ଧରେ ସଚେତନତା ବାର୍ତ୍ତା ଦେଇଥିଲେ । ଉକ୍ତ ପଦଯାତ୍ରା ରେ ବିଭିନ୍ନ ଶିକ୍ଷନୁଷ୍ଠାନର ଛାତ୍ରଛାତ୍ରୀ, ଏନ ଏସ ଏସ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ନରେନ୍ଦ୍ର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାଏକ,ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଚନ୍ଦନ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ର ଡିପିସି ଶ୍ରୀ ପ୍ରଦ୍ୟୁମ୍ନ କୁମାର ଘୋଷ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




# ମାନସିଂହ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୃତି ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର , ୪/୪ (ନି.ପ୍ର): ବାଲେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪ ଜଣ ଛାତ୍ରଙ୍କ ବୃତ୍ତି ପରୀକ୍ଷାରେ ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛି ।୨୦୨୪ ମସିହାରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଭୁବନେଶ୍ୱର ଦ୍ୱାରା ପ୍ରାଦେଶିକ ସ୍ତରରେ ଅନୁଷ୍ଠିତ ଶ୍ରୀ ରାମାନୁଜ ଗଣିତ ପ୍ରତିଭା ପରୀକ୍ଷାରେ ୩ୟ ଶ୍ରେଣୀର ଛାତ୍ର ଶ୍ରୀମାନ କ୍ରିଷ୍ଣା କାଶ୍ୟପ ପଣ୍ଡା ଉତ୍ତର କ୍ଷେତ୍ରରେ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ୪ର୍ଥ ଶ୍ରେଣୀର ଛାତ୍ର ଶ୍ରୀମାନ ହୃଷୀକେଶ ଲେଙ୍କା ୧ମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଶ୍ରୀ ପ୍ରାଣକୃଷ୍ଣ ପରିଜା ପ୍ରତିଭା ସମ୍ମାନ ପରୀକ୍ଷାରେ ୪ର୍ଥ ଶ୍ରେଣୀର ଛାତ୍ର ଶ୍ରୀମାନ ସୁମିତ ରଞ୍ଜନ ଓ ଶ୍ରୀମାନ ହୃଷୀକେଶ ଲେଙ୍କା ସଫଳତା ହାସଲ କରିଛନ୍ତି । ୩ୟ ଶ୍ରେଣୀର ଛାତ୍ର ଶ୍ରୀମାନ କ୍ରିଷ୍ଣା କାଶ୍ୟପ ପଣ୍ଡା ମେଧାବୃତ୍ତି ପରୀକ୍ଷାରେ ୩ୟ ସ୍ଥାନ ପାଇଁ ସଫଳତା ଆଣିଛନ୍ତି ।ଏହି ଛାତ୍ର ଛାତ୍ରୀମାନେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଭୁବନେଶ୍ୱର ଠାରେ ଆୟୋଜିତ ପ୍ରତୀଭା ସମ୍ମାନ ସମାରୋହର ଯୋଗ ଦେଇ ଅର୍ଥରାଶି ଓ ମାନପତ୍ର ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି । ସେହିପରି ୨୦୨୩-୨୪ ପାଇଁ ସରକାରୀ ବୃତ୍ତି ପରୀକ୍ଷାରେ ୩ୟ ଶ୍ରେଣୀର ଛାତ୍ର ଅମିତ କୁମାର କମିଲା ଓ ହୃଷୀକେଶ ଲେଙ୍କା ସଫଳତା ହାସଲ କରିଛନ୍ତି ।ଏହି ଅବସରରେ ଆଜି ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଧନା ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମକୃଷ୍ଣ ଆଚାର୍ଯ୍ୟ,ସଂପାଦକ ଗୟାଧର କର, ଉପଦେଷ୍ଟା ଗୌରୀଶଙ୍କର ପତି ଓ ବିଶେଷ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁମିତୀ ଗାହାଣ ଯୋଗ ଦେଇ ଏହି କୃତି ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଅଧିକ ସଫଳତା ପାଇଁ ଦୃଷ୍ଟାନ୍ତ ମୂଳକ ବକ୍ତବ୍ୟ ରଖି ଆଶିର୍ବାଦ ଦେଇଥିଲେ । ଛାତ୍ର ମାନଙ୍କ ସଫଳତା ପାଇଁ ତାଙ୍କର ପିତାମାତାଙ୍କୁ ଧନ୍ୟବାଦ ଦେଇଥିଲେ ।ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ




ବାଲେଶ୍ୱର, ୪/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଗଣ୍ଡିବେଢ଼ ଚକାପଦା ଶାସନ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଶତପଥୀଙ୍କର ପରଲୋକ ଘଟିଛି । ଗତ ମାସ ୨୬ ତାରିଖରେ ତାଙ୍କର ପରଲୋକ ହୋଇଥିବା ବେଳେ ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ଶତପଥୀ ୧୯୩୫ ମସିହା ଜାନୁଆରୀ ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷକତା ଜୀବନରେ ସେ ଅନେକ ଆଦର୍ଶ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ମାର୍ଗଦର୍ଶନ କରିଛନ୍ତି । ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ଜୀବନ ଆଦର୍ଶ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା । ସେ ଜଣେ ପରୋପକାରୀ, ସ୍ନେହୀ ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଇନୋଭେସନ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ୍ ଉଦ୍‌ଯାପିତ




ଭଦ୍ରକ, ୪/୪ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଇନୋଭେସନ୍ ଷ୍ଟାର୍ଟ୍ ଅପ୍ ପ୍ରାଗ୍ରାମ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଉଦ୍‌ଯାପିତ ସମାରୋହରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ପ୍ରପେସର ଡ଼ଃ ସଂଗ୍ରାମ କେଶରୀ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼ଃ ପ୍ରଭାତ କୁମାର ମହାନ୍ତି ଯୋଗଦେଇ ଇନୋଭେସନ୍ ଓ ଷ୍ଟାଟ୍ ଅପ୍ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସଂଗେ ସଂଗେ ସାଇବର କ୍ରାଇମ୍ ଓ ସେକ୍ସୁଆଲ୍ ହାରାସ୍‌ମେଣ୍ଟ ସଂପର୍କରେ ଆଲୋକପାତ କରିଥିଲେ । ମଧୁସୂଦନ ତ୍ରିପାଠୀ ବେଦ ପାଠ କରିବା ବେଳେ ଅକ୍ଷୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଶୁକଦେବ ପଣ୍ଡା କାର୍ଯ୍ୟକ୍ରମ ବିବରଣୀ ପ୍ରଦନ କରିଥିଲେ । ଉକ୍ତ ସଭାରେ ସମାଜସେବୀ ପ୍ରକାଶ କୁମାର ବେହେରା, ପୁନିଲ ସାମନ୍ତ ଓ ପ୍ରଭାତ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରିବା ସଂଗେ ସଂଗେ ଛାତ୍ରଛାତ୍ରୀମାନଙ୍କୁ ବକ୍ତୃତା, କୁଇଜ୍, ଚିତ୍ରକଳା ପ୍ରୋଜେକ୍ଟ ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ଶୁକ ଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଞ୍ଚାଳନ କରିଥିଲେ ।

# ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ଭୁବନେଶ୍ୱର, ୪/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ମାଷ୍ଟର କ୍ୟାଂଟିନ ଛକରେ ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଜଂଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଏହି ପଦଯାତ୍ରା ଉଦଘାଟନ କରି ରାଜ୍ୟର ବ୍ୟବସାୟୀ ଭାଇଭଉଣୀମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ସ୍ପଷ୍ଟ ଭାବେ ଲେଖିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ, ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ । ନିଜ ମାଆ ଏବଂ ନିଜ ଜନ୍ମଭୂମି ସ୍ୱର୍ଗଠାରୁ ଗରୀୟାନ ଓ ଶ୍ରେଷ୍ଠ । ମାତୃଭୂମିର ଭାଷା ବା ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ତିତ୍ୱ ଓ ଭବିଷ୍ୟତ । ଏଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ପ୍ରଚାର ପ୍ରସାର ଓ ସଠିକ୍ ବ୍ୟବହାର ଉପରେ ବିଶେଷ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର । ଏଥିପାଇଁ ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଏହି ଅବସରରେ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ସୁନିଶ୍ଚିତ କରିବା ପାଇଁ ଆରମ୍ଭ ହୋଇଛି ସାରା ରାଜ୍ୟରେ ବ୍ୟାପକ ଅଭିଯାନ ।

# ସମାନ କାମକୁ ସମାନ ଦରମା ଦାବିରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ



ବସ୍ତା , ୪/୪ (ନି.ପ୍ର): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ବ୍ଲକ ସଂଯୋଜକ ଶ୍ରୀ ସୋମନାଥ ସେଠୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ରେ ସାମ୍ବାଦିକ ଶ୍ରୀଯୁକ୍ତ ମାନସ ରଞ୍ଜନ ବେହେରା ଯୋଗଦେଇ ନିଜର ମତ ଓ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ସଂଘ ର ଦାବି ଅନୁଯାୟୀ ୧.୬.୨୦୦୮ ଠାରୁ ୧.୬.୨୦୧୮ ପର୍ଯ୍ୟନ୍ତ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନଙ୍କୁ ସରକାର ଗ୍ରାଣ୍ଟ - ଇନ୍ - ଏଡ୍ ପରିସର ଭୁକ୍ତ କରିବା ଦାବି ଯୁକ୍ତି ଯୁକ୍ତ ଅଟେ । ଅନ୍ୟ ଗ୍ରାଣ୍ଟ - ଇନ୍ - ଏଡ୍ ପରିସର ଭୂକ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଙ୍କ ପରି ଏହି ସଂଘ ର ସଦସ୍ୟ ମାନେ ସମାନ କାମ , ଇଲେକ୍ସନ ଡ୍ୟୁଟି କରି ମଧ୍ୟ ସରକାରୀ ବେତନ ଠୁ ବଞ୍ଚିତ ଅଛନ୍ତି । ଏଣୁ ସେ ସରକାର ଙ୍କୁ ନିବେଦନ କରିଥିଲେକି ଏହି ଦାବି ଟି ଯୁକ୍ତି ଯୁକ୍ତ ଅଟେ ,ଏହାକୁ ମନିନେବା ଉଚିତ୍ । ଏହି ଦାବି ପୂରଣ ପାଇଁ ସରକାର ଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସଂଘ ଏହି ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ସାରା ରାଜ୍ୟ ରେ ବିଭିନ୍ନ ମହାବିଦ୍ୟାଳୟ ରେ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମରେ ନୀଳମଣି ମହାବିଦ୍ୟାଳୟ ର ଅଧ୍ୟାପକ ଅର୍ଦ୍ଧେନ୍ଦୁ ଦାସ, ଅନ୍ନପୂର୍ଣ୍ଣା ରଣା ଏବଂ କର୍ମଚାରୀ ଅମିୟ ରଞ୍ଜନ ବେହେରା, ଜଗନ୍ନାଥ ରାଉତ , ସତ୍ୟନାରାୟଣ ହାତୀ , ଶୁଭାଶିଷ ବେହେରା ,ଜୟନ୍ତ ମଲ୍ଲିକ , ନିରଞ୍ଜନ ମହାଳିକ ଏବଂ ଅନ୍ୟ ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ ।

# ନୀଳଗିରିରେ ଓଡିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା

ନୀଳଗିରି, ୪/୪ (ନି.ପ୍ର): ଓଡିଆ ପକ୍ଷ ପାଳନ ଅବସରରେ ଓଡିଶାସରକାରଙ୍କ ଶ୍ରମ ଓ କର୍ମଚାରି ରାଜ୍ୟ ବୀମାବିଭାଗ ଦ୍ୱାରା ବାଲେଶ୍ୱର ଜିଲ୍ଲା ଶ୍ରମବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ଓଡିଆରେ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳ ୯ ଘଟିକାରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ସଚେତନତା ପଦଯାତ୍ରା ବାହାରି ବଜାର ପରିକ୍ରମା କରିସାରିବା ପରେ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ସଚେତନତାର ପ୍ଲାକାର୍ଡ ସହିତ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ବିଶେଷକରି ଓଡ଼ିଆଭାଷାକୁ ଉଦ୍ଜୀବିତ କରିବା ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ କୁହାଯାଉଥିବା ବେଳେ ପ୍ରତ୍ୟକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଘରୋଇ ସଂସ୍ଥାରେ ବ୍ୟବହୃତ ନାମ ଫଳକ ଇଂରାଜୀ ବା ଅନ୍ୟ ଭାଷାରେ ନ ଲେଖି ଓଡ଼ିଆ ଭାଷାରେ ଲେଖିବାକୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୀଳଗିରି ସହକାରୀ ଶ୍ରମଅଧିକାରୀ ଶ୍ରୀହରି ସ୍ୱୟଂ ସାମଲ, କର୍ମଚାରୀ ମଧୁସୂଦନ ଷଣ୍ଢ, ସରୋଜିନୀ ନାୟକ, ମହାବୀର ନିର୍ମାଣ ଶ୍ରମିକସଂଘର ସଭାପତି କେଶବ ଲେଙ୍କା, ସମ୍ପାଦକ କୈଳାଶ ଚନ୍ଦ୍ର ଲେଙ୍କା,ଯଦୁନାଥ ବେହେରା, ରାଜେନ୍ଦ୍ର ଜେନା, ନାରୀନେତ୍ରୀ ସଂଯୁକ୍ତା ଓଝା, ନିରଞ୍ଜନ ମହୁରୀ, ସୁରେନ୍ଦ୍ର ବିଶ୍ୱାଳ, ନୃସିଂହ ନାୟକ, ବାପୁନୁ ସିଂ, ବାଦଲ ସିଂ, ଶକୁନ୍ତଳା ବାରିକ, ଭୀମ ପାତ୍ର, ସରୋଜିନୀ ସିଂ, ମିନାକ୍ଷୀ ସିଂ, ସାବିତ୍ରୀ ସିଂ, ଗୀତାରାଣୀ ପାତ୍ର, ଅଜୟ କୁମାର ମହାପାତ୍ର, କାଳିଆ ପାତ୍ର, ରବୀନ୍ଦ୍ର ପାତ୍ର, ଗୋପାଳ ପାତ୍ର, ଭାରତ ପାତ୍ର ପ୍ରମୁଖ ନୀଳଗିରି ଅଞ୍ଚଳର ବହୁ ନିର୍ମାଣଶ୍ରମିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ପୋଷାକ, ଆମ ପରିଚୟ' ଆଲୋଚନାଚକ୍ର ଅନୁଷ୍ଠିତ

ଉଦଳା , ୪/୪ (ନି.ପ୍ର): ଓଡ଼ିଶାର ସାଂସ୍କୃତିକ ଐତିହକୁ ପ୍ରଚାର ପ୍ରସାର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଠାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରଥମ ଥର ଓଡ଼ିଆ ପକ୍ଷ ପାଳିତ ହେଉଛି । ଏହି ଅବସରରେ ୩ ତାରିଖ ଗୁରୁବାର ଦିନ କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ 'ଆମ ପୋଷାକ, ଆମ ପରିଚୟ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଓଡ଼ିଶାର ସମ୍ବଲପୁରି, ଖଣ୍ଡୁଆପାଟ, ଟସରପାଟ ଆଦି ସାଢ଼ିର ସମଗ୍ର ବିଶ୍ୱ ବଜାରରେ ବେଶ ଭଲ ଚାହିଦା ଥିବା ବେଳେ ଆମ ରାଜ୍ୟ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ଏଥିପାଇଁ କିପରି ସୃଷ୍ଟି ହୋଇଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଅରୁଣ କୁମାର ଜେନା, ଡ଼. ନିରଂଜନ ପାଠୀ, ଡ଼. ରମେଶ ଚନ୍ଦ୍ର ନାୟକ, ବୃନ୍ଦାବନ ମହାନ୍ତି, ସରୋଜ କୁମାର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ପୋଷାକ କିପରି ସାଂସ୍କୃତିକ ଐତିହ୍ୟକୁ ପ୍ରଭାବିତ କରିବା ସହିତ ପରିଚୟ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ନେଇଥାଏ ବ୍ୟକ୍ତ କରିଥିଲେ । ଶେଷରେ ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କ ମଦ ବିରୋଧୀ ଶୋଭାଯାତ୍ରା



ବଡ଼ସାହି, ୪/୪ (ନି.ପ୍ର): ଏହି ବ୍ଲକ ଅଧିନ ଦୁର୍ଗାପୁର ପଞ୍ଚାୟତର ଆଗୁଆଡ ଗ୍ରାମରେ ନିଶାମୁକ୍ତ ଗାଁ କରିବା ସହିତ ଗାଆଁରେ ମଦ ବିକ୍ରୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଆଜି ଗାଁର ମହିଳା ପୁରୁଷ ଏବଂ ସମାଜସେବୀ ଏକ ରାଲି ମାଧ୍ୟମରେ ସଚେତନ କରାଇଥିଲେ । ଏହି ରାଲିରେ ଗାଁର ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଖୋଲାଖୋଲି ମଦ ବିକ୍ରୟକୁ ବିରୋଧ କରିଛନ୍ତି । ମଦ ବିକ୍ରୟ ହେବ ଦ୍ୱାରା ଦିନକୁ ଦିନ ବିଭିନ୍ୟ ପରିବାରରେ ଘୋରଇ ହିଂସା ବୃଦ୍ଧି ସହିତ ଅଶାନ୍ତି, ଗାଆଁରେ ବିଶୃଙ୍ଖଳା ସୃଷ୍ଟି ହେଉଅଛି । ବିଶେଷ କରି ମହିଳାଙ୍କ ନିର୍ଯାତନା ବୃଦ୍ଧି ସହିତ ସାଧାରଣ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲି ଯାଉଥିଲେ । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସ୍ୱତ୍ତେ ଅବକାରୀ ବିଭାଗର ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରୁ ନ ଥିଲେ । ତେଣୁ ଗୁରୁବାର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଓ ସମାଜସେବା ଗୋଷ୍ଠୀ ଡାକରା କ୍ରମେ ଶତାଧିକ ମହିଳା ଓ ପୁରୁଷ ଏକତ୍ର ହୋଇଥିଲେ ଓ ସଚେତନ ଅଭିଯାନ ରାଲି କରିବା ସହିତ ମଦ ବିକ୍ରୟ କରୁଥିବା ବେପାରୀ ମାନଙ୍କୁ ଆଗକୁ ବିକ୍ରି ବନ୍ଦ ନ କରିବା ପାଇଁ ବୁଝାସୁଝା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ ପାତ୍ର, ଶରତ ମହାନ୍ତ, ସାଇବା ସୋରେନ, ଲୋମ୍ବୁଦର ସୋରେନ, ଦୀନବନ୍ଧୁ ମହାନ୍ତ, ଅତୁଲ ଚନ୍ଦ୍ର ମହାନ୍ତ ଦିଲ୍ଲୀପ କୁମାର ମହାନ୍ତ, ରଜତ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ବୁଢାନ ମାର୍ଣ୍ଡି, ବିଶ୍ୱନାଥ ମୁର୍ମୁ, ସଂଜିତ ମହାନ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# 'ଓଡ଼ିଆରେ ନାମ ଫଳକ ଅଭିଯାନ' ନିମନ୍ତେ ସଚେତନତା ପଦଯାତ୍ରା ଆୟୋଜିତ




ବାଲେଶ୍ୱର, ୪/୪ (ନି.ପ୍ର): ଓଡ଼ିଆ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ-୨୦୨୫ର ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ପୌରପାଳିକା, ଜଳେଶ୍ୱର ପୌରପାଳିକା ଏବଂ ନୀଳଗିରି ବିଜ୍ଞାପିତ ଅଂଚଳରେ ସଚେତନତା ପଦଯାତ୍ରା ଅଭିଯାନର ଶୁଭାରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିକ୍ଷ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ସମସ୍ତ ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରାଯାଇଛି । ଏଠାରେ ସୂଚନା ଥାଉ କି, ଉକ୍ତ ସଚେତନତା ପଦଯାତ୍ରାରେ ବାଲେଶ୍ୱର ପୌରପାଳିକାର ସର୍ବମୋଟ ୭୦ ଜଣ, ଜଳେଶ୍ୱର ପୌରପାଳିକାର ୬୩ ଜଣ ଏବଂ ନୀଳଗିରି ବିଜ୍ଞାପିତ ଅଂଚଳର ୬୫ ଜଣ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦାନ କରିଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୪/୪ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ଜୟ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାଧର ପଣ୍ଡା ଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ବରିଷ୍ଠ ଶିକ୍ଷାବିତ୍ ଗୟାଧର ମହାପାତ୍ର, ପୂର୍ବତନ ସରପଞ୍ଚ ଭାଗିରଥୀ ମହାପାତ୍ର,ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷୀକେଶ ବେହେରା, ସମାଜସେବୀ ଦୟାନିଧି ଭୋଇ, ଅବସର ପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ କର । ସମସ୍ତ ଅତିଥି ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀ ଶିକ୍ଷକ ଗୟାଧର ପଣ୍ଡାଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଗୟାଧର ପଣ୍ଡା ସାର୍ ଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିଥିଲେ । ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଇଞ୍ଜିନିୟର ଭାଗୀରଥି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଲକ୍ଷ୍ମୀମଣି ପଣ୍ଡା, ବାସନ୍ତୀ ଲତା ଦେଇ, ପଦ୍ମାଳୟା ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida